## ଅନନ୍ତପୁର ଥାନା ଉଦ୍‌ଘାଟିତ

**ସୋର, ୭।୩(ଜନ୍ମେଜୟ ମିଶ୍ର)**

ନିର୍ମାଣ ଶେଷ ହୋଇଥିବା ଅନନ୍ତପୁର ଥାନା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଗସ୍ତରେ ଆସିଥିବା ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ୍ ଶାହା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଥାନାକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି।ଏହି ସମୟରେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ଏସ୍‌ଡିପିଓ ଶୁଭ୍ରାଂଶୁ ନାୟକ, ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଅନନ୍ତପୁର ଥାନାଧିକାରୀ ସରୋଜ କୁମାର ଦାସଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସମୟରେ ଥାନାର ଗୁରୁତ୍ୱ ଅଧିକ ଥିବାରୁ ଏଠାରେ ଅଧିକ ପୋଲିସ କର୍ମଚାରୀ ମୁତୟନ ଓ ପାଟ୍ରୋଲିଂ ପାଇଁ ପୋଲିସ ଯୋଗାଇବାକୁ ସ୍ଥାନୀୟ ବାସିନ୍ଦା ଆଇଜି ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ରେମୁଣାରେ ପର୍ଯ୍ୟଟନ ବଳୟ ଗଠନ ପାଇଁ ପ୍ରସ୍ତୁତି

**ପୀଠସ୍ଥଳୀ ପରିଦର୍ଶନ କଲେ ଏମ୍‌ପି, ସରକାରୀ ଉପମୁଖ୍ୟ ସଚେତକ**

**ବାଲେଶ୍ୱର, ୭।୩(ବାଞ୍ଛାନିଧି ଦେ)**


ପ୍ରଶାସନିକ ଅଧିକାରୀଙ୍କ ସହ ଏମ୍‌ପି ଓ ବିଧାୟକ ନକ୍ସା ଦେଖୁଛନ୍ତି।

ବାଲେଶ୍ୱର ଜିଲା ଅନ୍ତର୍ଗତ ରେମୁଣାର ଐତିହାସିକ, ପୌରାଣିକ ଓ କିମ୍ବଦନ୍ତୀ ଯୁକ୍ତ ବିଭିନ୍ନ ପୀଠସ୍ଥଳୀକୁ ନେଇ ଏକ ପର୍ଯ୍ୟଟନବଳୟ ଗଠନ ନିମନ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତଙ୍କ ସମେତ ପର୍ଯ୍ୟଟନ ବିଭାଗ ଓ ପ୍ରଶାସନିକ ଅଧିକାରୀ ଶନିବାର ବିଭିନ୍ନ ପୀଠସ୍ଥଳୀ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆର୍‌ଡି, ପିଡବ୍ଲୁଡି, ବନ ବିଭାଗ, ଜଳ ସମ୍ପଦ, ଡ୍ରେନେଜ ବିଭାଗ ଅଧିକାରୀଙ୍କ ସମେତ ରେମୁଣା ତହସିଲଦାର, ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ସୋନ-ଗଙ୍ଗାହର-ବୁଢ଼ାବଳଙ୍ଗ ତିନି ନଦୀର ସଙ୍ଗମସ୍ଥଳ ତ୍ରିବେଣୀ, କ୍ଷୀରଚୋରା ଗୋପୀନାଥ ମନ୍ଦିର, ଗାର୍ଗେଶ୍ୱର ଶିବ ମନ୍ଦିର, ସପ୍ତଶରା ନଦୀ, ରାମଚଣ୍ଡୀ ମନ୍ଦିର, ପଣ୍ଡିତ ବଳଦେବ ବିଦ୍ୟାଭୂଷଣଙ୍କ ଜନ୍ମସ୍ଥାନ, ବ୍ଲକ ପୋଖରୀ, କୁଟ ପୋଖରୀ, କନକଦୁର୍ଗା ମନ୍ଦିର, ହାତପାଦ ଥିବା ଜଗନ୍ନାଥ ମନ୍ଦିର, ଶ୍ରୀଧରସ୍ୱାମୀଙ୍କ ସ୍ମୃତି ମନ୍ଦିର, କଙ୍କାଳୀମଠ, ଦୁର୍ଗାଦେବୀ ଜଗନ୍ନାଥ ମନ୍ଦିର ଏବଂ ଭୀମେଶ୍ୱର ଶୈବପୀଠ ପ୍ରମୁଖ ପରିଦର୍ଶନ କରିଥିଲେ। ଏହି ସ୍ଥାନମାନଙ୍କରେ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ପରିଦର୍ଶନକାରୀ ଅତିଥିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରିଦର୍ଶନ ପରେ ବାଲଗୋପାଳପୁରସ୍ଥିତ ଇମାମୀ ଜଗନ୍ନାଥ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସବୁ ପୀଠସ୍ଥଳୀଗୁଡ଼ିକୁ ସଂଯୋଗ କରାଯାଇ ଏକ ପର୍ଯ୍ୟଟନ ବଳୟ ଗଠନ କରାଯିବ। ଯାହାଦ୍ୱାରା ସାଂସ୍କୃତିକ ଐତିହ୍ୟ ବଜାୟ ରହିବା ସହିତ ପର୍ଯ୍ୟଟନ ଶିଳ୍ପର ବିକାଶ ଏବଂ ସାଂସ୍କୃତିକ ଐତିହ୍ୟକୁ ଆଗକୁ ଆଣିବାର ପ୍ରୟାସ କରାଯିବ ବୋଲି ଏମ୍‌ପି ଷଡ଼ଙ୍ଗୀ ଓ ବିଧାୟକ ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୟାନନ୍ଦ ଦାସ, ଶିଳ୍ପୀ କେଶୁ ଦାସ, ନିରଞ୍ଜନ ଗିରି, ରମାକାନ୍ତ ପଣ୍ଡା, ଜୟନ୍ତ ମଣ୍ଡଳ, ହରେକୃଷ୍ଣ ଗରି, ଗିରିଧାରୀ ଦାସ, ମାୟାଧର ପ୍ରଧାନ, ସରୋଜ କୁମାର ବେହେରା, ପ୍ରମୋଦ କୁମାର ଦାସ, ଉପେନ୍ଦ୍ର ନାଥ ପୁହାଣ, ଜୟକୃଷ୍ଣ ସାହୁ, ପ୍ରଦୀପ କୁମାର ଜେନା, ଦିଲୀପ କୁମାର ଦେ, ଉମେଶ ଚନ୍ଦ୍ର ମଣ୍ଡଳ, ଚିତରଞ୍ଜନ ବେହେରା, ତାପସ କୁମାର ରଥ, ଭାଗବତ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଦୃଷ୍ଟିବାଧିତ ଫୁଟ୍‌ବଲ ଦଳରେ ବାଲେଶ୍ୱରର ପଦ୍ମିନୀ


ଖେଳାଳିଙ୍କୁ ଫୁଲତୋଡ଼ା ଦେଇ ମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି ।

**ବାଲେଶ୍ୱର, ୭।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ଅନ୍ତର୍ଜାତୀୟ ଦୃଷ୍ଟିବାଧିତ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଭାଗ ନେବା ପାଇଁ ଜାତୀୟ ଦଳର ଖେଳାଳି ମନୋନୟନ ଫେବୃଆରୀ ୧୧ରୁ ୧୩ ପର୍ଯ୍ୟନ୍ତ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀ ପଦ୍ମିନୀ ଟୁଡୁ ଓ ସୁମିତ୍ରା ସିଂ ଅଂଶଗ୍ରହଣ କରିଥିଲେ। ମନୋନୟନ ବୋର୍ଡ ଭାରତୀୟ ଦଳରେ ପଦ୍ମିନୀ ଟୁଡୁଙ୍କୁ ଓଡ଼ିଶାରୁ ଏକମାତ୍ର ପ୍ରାର୍ଥିନୀ ରୂପେ ଚୟନ କରିଥିବାରୁ ରାଜ୍ୟ କ୍ରୀଡ଼ା ଯୁବ ବ୍ୟାପାର ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଭୁବନେଶ୍ୱରସ୍ଥିତ ବାସଭବନରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପଦ୍ମିନୀ ଏକାଧାରାରେ ଜଣେ ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟର ସହିତ ଜାତୀୟ ମହିଳା ଦୃଷ୍ଟିବାଧିତ ଫୁଟବଲ ଖେଳାଳି ଅଟନ୍ତି। ଭାରତୀୟ ଦଳରେ ଏକମାତ୍ର ଓଡ଼ିଶା ଝିଅ ଭାବରେ ସ୍ଥାନ ପାଇ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଥିବାରୁ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ ଆଗାମୀ ଏପ୍ରିଲରେ ଜାପାନଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତର ବିଜୟ କାମନା କରିଛନ୍ତି।

## ଏପ୍ରିଲ ୩ରୁ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡ଼କମେଳା

**ଭୋଗରାଇ, ୭।୩ (ପ୍ରଦୀପ ଦାସ)**

**ସ୍ୱାସ୍ଥ୍ୟ, ବିଜୁଳି, ପାନୀୟଜଳ, ସ୍ୱଚ୍ଛତା, ଆଇନଶୃଙ୍ଖଳା, ଟ୍ରାଫିକ ପ୍ରତି ଗୁରୁତ୍ୱ**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସ୍ଥିତ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କ ମେଳା ଏପ୍ରିଲ ୩ତାରିଖରୁ ଶୁଭାରମ୍ଭ ହେବ। ଏଥିନିମନ୍ତେ ଶନିବାର ନୂତନ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ, ଟ୍ରଷ୍ଟ ବୋର୍ଡ, ସେବାୟତ ଓ ମୁଖ୍ୟ ଶୈବଭକ୍ତଙ୍କ ପକ୍ଷରୁ ପ୍ରସ୍ତୁତି ବୈଠକ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକଙ୍କ ପୌରୋହିତ୍ୟରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଉପଜିଲାପାଳ ଶିବ ମାଲଭୀଏ, ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାଶ,ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଏମ୍‌ପି ପ୍ରତିନିଧି ଆଶିଷ କୁମାର ପାତ୍ର, ମୌରସୀ ତପନକୁମାର ପଣ୍ଡା, ଉପମୌରସୀ ବୁଦ୍ଧ ଦେବପଣ୍ଡା, ଜିଲା ଲୋକସମ୍ପର୍କ ଓ ସୂଚନାଧିକାରୀ ରାଜେଶ ପ୍ରିୟଦର୍ଶୀ, ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ମେଳା ସମ୍ପର୍କିତ ଆଲୋଚନା କରିଥିଲେ। ଭକ୍ତମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟଜଳ, ଶୌଚାଗାର, ସ୍ୱଚ୍ଛତା, ଟ୍ରାଫିକ ନିୟନ୍ତ୍ରଣ, ମନ୍ଦିରକୁ ପ୍ରବେଶ ଓ ପ୍ରସ୍ଥାନରେ ବ୍ୟାରିକେଡ, ଡ୍ରୋନ, ସିସି କ୍ୟାମେରା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏପ୍ରିଲ ୩ରୁ ଚନ୍ଦନେଶ୍ୱର ଜୀଉଙ୍କ ରୁଦ୍ରାଭିଷେକ, ନୀତିକାନ୍ତି ପୂଜା, ମୌରସୀଙ୍କ ଆଜ୍ଞାମାଳ, ପଡାବାଉଁଶ ଛେଦନ, ଜୀଉଙ୍କ ଶ୍ରେଷ୍ଠଭକ୍ତ ପାଟଭକ୍ତ, ଦେଉଳିଆଙ୍କ ଉପବୀତ ଧାରଣ, ଅର୍ଘ୍ୟଦାନରୁ ମହାଦେବଙ୍କ ଚଡ଼କ ମେଳା ହରିବୋଲ ଧ୍ୱନିରେ ଶୁଭାରମ୍ଭ ହେବ। ଏପ୍ରିଲ ୭ ମଙ୍ଗଳବାର ୭ ଅର୍ଘ୍ୟ, ୯ ଗୁରୁବାର ୫ ଅର୍ଘ୍ୟ, ୧୨ ତାରିଖ ରବିବାର ମହାନୀଳ ପର୍ବ ଓ କାମିନୀ ବିବାହ, ୧୩ ସୋମବାର ଜୀଉଙ୍କ ଶେଷପର୍ବ ପାଟ ଉତ୍ସବ ଅନୁଷ୍ଠିତ ହେବ। ୧୧ ଦିନ ଧରି ଶ୍ରୀଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ଚଡ଼କ ମେଳା ସହିତ ଅନୁରୂପ ଭାବେ କୁମ୍ଭୀରଗଡପାହି ଅଞ୍ଚଳରେ ଅବସ୍ଥିତ ଭୂଷଣ୍ଡେଶ୍ୱର ମହାଦେବ ଓ କୁମ୍ଭାରମୂଳି ଗ୍ରାମରେ ଧବଳେଶ୍ୱର ମହାଦେବଙ୍କଠାରେ ଚୈତ୍ର ଚଡ଼କ ମେଳା ଉଦଯାପିତ ହେବ।

# ଅଗ୍ରଣୀ ଛାତ୍ରୀଛାତ୍ରଙ୍କୁ ପ୍ରେରଣା, ଉତ୍ସାହ ପ୍ରଦାନ ଲକ୍ଷ୍ୟ



ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ସହ ଅତିଥି ଓ କର୍ମଚାରୀ।

**ବାଲେଶ୍ୱର, ୭।୩(ବାଞ୍ଛାନିଧି ଦେ)**

**ଇମାମୀ ପେପର ମିଲସ୍‌ର ଶିକ୍ଷା ସମ୍ବର୍ଦ୍ଧନା ଉତ୍ସବ**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଇମାମୀନଗରସ୍ଥିତ ଇମାମୀ ପେପର ମିଲ୍‌ସ ଆନୁକୂଲ୍ୟରେ ଶନିବାର ଶିକ୍ଷା ସମ୍ବର୍ଦ୍ଧନା ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପେପର ମିଲ୍‌ସର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା ଓ ସମ୍ମାନିତ ଅତିଥି ଇମାମି ମହିଳା କ୍ଲବର ସଭାନେତ୍ରୀ ବନ୍ଦନା ଗୁପ୍ତା ଯୋଗଦେଇ ଇମାମୀ ପେପର ମିଲ୍‌ସ ଅର୍ଥନୈତିକ ବିକାଶ ସହ ଧାର୍ମିକ, ଆଧାତ୍ମିକ କ୍ଷେତ୍ରରେ ଭକ୍ତ ଓ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଏହାବ୍ୟତୀତ ସ୍ୱାସ୍ଥ୍ୟ, ଜନସେବା, ପାନୀୟଜଳର ସୁବ୍ୟବସ୍ଥା, ବିଭିନ୍ନ ଅନୁଷ୍ଠାନକୁ ପ୍ରୋତ୍ସାହନ, ବହୁବିଧ ଜନକଲ୍ୟାଣ କାର୍ଯ୍ୟକ୍ରମ କରି ଖ୍ୟାତି ଅର୍ଜନ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୦୨୫ ହାଇସ୍କୁଲ ପରୀକ୍ଷାରେ ରେମୁଣା ବ୍ଲକର ଟପ୍ପର ଛାତ୍ରୀଛାତ୍ର ଓ ପେପର ମିଲ୍‌ସର କାର୍ଯ୍ୟରତ କର୍ମଚାରୀଙ୍କ ଅଧ୍ୟୟନରତ ମେଧା ପିଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଜିଏମ୍ ତଥା ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଉତ୍ସବରେ ଅଧକ୍ଷତା କରି ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ବକ୍ତବ୍ୟରେ କହିଥିଲେ। ଡିଜିଏମ୍ ଦେବବ୍ରତ ହୋତା ଧନ୍ୟବାଦ ଦେଇଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ଇମାମୀ ପରିବାରର ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପେପର ମିଲ୍‌ସର ମୁଖ୍ୟ ବିଭାଗୀୟ ଅଧିକାରୀ, ଇମାମୀ ମହିଳା କ୍ଲବର ସଭ୍ୟା ଓ ଅଭିଭାବକ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଆହତ

**ନୀଳଗିରି, ୭।୩(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଭୁଲାପଡ଼ିଆ ଗ୍ରାମର ବୁଦ୍ଧିରାମ ସିଂ(୩୧) ଶନିବାର ଅପରାହ୍ନ ପ୍ରାୟ ୪ଟା ବେଳେ ଶୌଚ ହେବାକୁ ଯାଉଥିବା ବେଳେ ଭାଲୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଛନ୍ତି। ବୁଦ୍ଧିରାମ ନକୁଳକୁଅଁର ପୋଖରୀ ନିକଟସ୍ଥ ଜଙ୍ଗଲକୁ ଅନ୍ୟଜଣେ ସାଙ୍ଗଙ୍କ ସହିତ ଯାଉଥିବା ବେଳେ ହଠାତ୍ ଏକ ଭାଲୁ ଅତର୍କିତ ଆକ୍ରମଣ କରି ତାଙ୍କର ଜଙ୍ଘରେ ଗଭୀର କ୍ଷତ କରିଥିଲା। ସେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନୀଳଗିରି ଏବଂ ପରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଛନ୍ତି।

## ସୋରିଷ ଚାଷ, ଜଳବାୟୁ ସଚେତନତା ଆଲୋଚନାଚକ୍ର



ମା' ଭଗିଆଶୁଣୀ ପୀଠରେ କୃଷକ ବୈଜ୍ଞାନିକ ଆଲୋଚନାଚକ୍ର।

**ସିମୁଳିଆ, ୭।୩(ସନ୍ତୋଷ ନାୟକ)**

**କୃଷକ ସଚେତନତା କାର୍ଯ୍ୟକ୍ରମ**

ସୁନ୍ଦର ସ୍ୱାସ୍ଥ୍ୟ ସହିତ ନିରୋଗ ଜୀବନଯାପନ ପାଇଁ ଖାଦ୍ୟ ଓ ପରିବେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାକୁ କେନ୍ଦ୍ରକରି ଶନିବାର ଅପରାହ୍ନରେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା'ଭଗିଆଶୁଣୀଙ୍କ ପୀଠରେ ରାଣିତାଲର ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସମ୍ପ୍ରସାରଣ କେନ୍ଦ୍ର ଦ୍ୱାରା 'ଗ୍ରାମୀଣ କୃଷି ମୌସୁମ ସେବା'(ଜିକେଏମ୍ଏସ) ଦ୍ୱାରା ଜଳବାୟୁ ଅନୁକୂଳ କୃଷି ସମ୍ବନ୍ଧରେ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃଷି ଗବେଷଣା କେନ୍ଦ୍ରରେ ଧାନ ଓ ସୋରିଷ ବିହନରେ ଗବେଷଣା କରୁଥିବା ଆନୁବଂଶିକି ଓ ପାଦପ ପ୍ରଜନନ ବୈଜ୍ଞାନିକ ଡ. ଚିନ୍ମୟ କୁମାର ଦାଶଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ବୈଜ୍ଞାନିକମାନେ ଯୋଗଦେଇ ଧାନ ଚାଷ ସହିତ ସୋରିଷ ଚାଷ ଓ ଜଳବାୟୁ ସମ୍ପର୍କରେ ସଚେତନାତ୍ମକ ଆଲୋଚନା କରିଥିଲେ। କୃଷି ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ସହଯୋଗୀ ନିର୍ଦ୍ଦେଶକ ଡଃ ବିଶ୍ୱରଞ୍ଜନ ନାୟକ କୃଷି କ୍ଷେତ୍ରର ଉର୍ବରତା ଓ ଖାଦ୍ୟ ସାରଣୀରେ ପୁଷ୍ଟି ସାଧନ ପାଇଁ ବିଭିନ୍ନ ଡାଲି, ସୋରିଷ ଚାଷ ସହିତ ବିଭିନ୍ନ କୃଷିରେ ରୋଗ ପୋକ ନିୟନ୍ତ୍ରଣ, ଫସଲରେ ଆବଶ୍ୟକ ମାତ୍ରାରେ ସାର ଓ ଔଷଧ ପ୍ରୟୋଗ ଉପରେ ଆଲୋଚନା କରିଥିଲେ। କ୍ଷେତ୍ର ବିଜ୍ଞାନୀ ଡଃ ଉତ୍କଳିକା ନାୟକ ସୋରିଷର ବିଭିନ୍ନ କିସମ ସମ୍ପର୍କରେ ସୂଚନା ଦେଇଥିଲେ। ପାଣିପାଗ ବୈଜ୍ଞାନିକ ଡ. ମୀରା ମହାନ୍ତି ପାଣିପାଗ ସୂଚନା ସମ୍ବନ୍ଧରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ସେହିପରି କୃଷକରୁ ପ୍ରଫେସର ହୋଇଥିବା ସ୍ଥାନୀୟ ମଇତାପୁର ଅଞ୍ଚଳର ଗଜେନ୍ଦ୍ର ପ୍ରସାଦ ବେହେରା କୃଷିରେ ଜୈବିକ ଜିଆ ଖତର ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ଗବେଷଣା କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ବିନା ସାର ଓ ଔଷଧରେ ଅମଳକ୍ଷମ ଧାନ ପଦ୍ମଜା ଓ ନୂତନ କିସମର ଧାନ ଶ୍ରୀପଦ, ସାଲନ୍ଦୀ ସମ୍ପର୍କରେ ସୂଚନା ଦେବା ସହିତ ବୈଜ୍ଞାନିକ ଡଃ ଚିନ୍ମୟ କୁମାର ଦାଶ ଖାଦ୍ୟ ପ୍ରସ୍ତୁତି ପାଇଁ ଉତ୍ତମ ତେଲର ବ୍ୟବହାର ପାଇଁ ସୋରିଷ ଚାଷ ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ। କୃଷକ ଓ ଚାଷୀମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଧାନ ବୋଝେଇ ଗାଡ଼ି ଅଟକାଇଲେ ଚାଷୀ


ଧାନ ବୋଝେଇ ଟ୍ରକ୍‌କୁ ଅଟକ ରଖିଛନ୍ତି ଗ୍ରାମବାସୀ।

**ବସ୍ତା, ୭।୩(ହରିଶଙ୍କର ପାଢ଼ୀ)**

ବସ୍ତା ବ୍ଲକ ମୁକୁଳିସି ସେବା ସମବାୟ ସମିତି ଅଧୀନରେ ଥିବା ବରଡ଼ା ଗ୍ରାମରୁ ଏକ ୧୦ ଚକିଆ ଟ୍ରକ୍‌ରେ ୩୦୦ କୁଇଣ୍ଟାଲରୁ ଅଧିକ ଧାନ ବୋଝେଇ କରି ଜଗନ୍ନାଥ ମିଲ୍‌କୁ ଯାଉଥିବାବେଳେ କୋଠିଆ ଗ୍ରାମ ନିକଟରେ ଶତାଧିକ ଚାଷୀ ଅଟକାଇଛନ୍ତି। ମୁକୁଳିସି ସେବା ସମବାୟ ସମିତି ଚାଷୀଙ୍କଠାରୁ କମ୍ ଧାନ କିଣି ବ୍ୟବସାୟୀଙ୍କଠାରୁ ଚୋରାରେ ଧାନ କିଣୁଥିବା ନେଇ ଅଭିଯୋଗ ହେଉଥିଲା। ଶନିବାର ସକାଳେ ଏହି ଟ୍ରକ୍‌ରେ ଅଖା ବ୍ୟାଗ୍‌ରେ ଧାନ ବୋଝେଇ ହେଉଥିବା ବେଳେ ଚାଷୀଙ୍କ ସନ୍ଦେହ ହେବାରୁ ଅଟକାଇଥିଲେ। ବ୍ୟବସାୟୀମାନେ ପଲିଥିନ ବ୍ୟାଗ୍‌ରେ ଧାନ ନେଉଥିବା ବେଳେ ଅଖା ବ୍ୟାଗ୍‌ରେ ଧାନ ନେଉଥିବା ନେଇ ସନ୍ଦେହ କରିଥିଲେ। ଯାହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଗାଡ଼ିକୁ ଥାନାକୁ ଆଣି ତଦନ୍ତ କରୁଛି।

## ପିଏମ୍‌ଶ୍ରୀ ବିଦ୍ୟାଳୟ ଯୋଜନାର ସମୀକ୍ଷାକଲେ କେନ୍ଦ୍ରୀୟ ନୋଡାଲ ଅଧିକାରୀ

**ନିୟମିତ ଶିକ୍ଷକ-ଅଭିଭାବକ ବୈଠକ ଉପରେ ଗୁରୁତ୍ୱ**

**ବାଲେଶ୍ୱର, ୭।୩(ବାଞ୍ଛାନିଧି ଦେ)**


ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀଗଣ।

ବାଲେଶ୍ୱର ଜିଲାର ପିଏମ୍‌ଶ୍ରୀ ବିଦ୍ୟାଳୟଗୁଡ଼ିକର ପରିଦର୍ଶନ ଅବସରରେ ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଓ ଆର୍ଥିକ ପରାମର୍ଶଦାତା ଏବଂ ପିଏମ୍ ଶ୍ରୀ ବିଦ୍ୟାଳୟ କେନ୍ଦ୍ରୀୟ ନୋଡ଼ାଲ ଅଧିକାରୀ ଶ୍ରୀ ସଞ୍ଜିତ ଶୁକ୍ରବାର ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ ପରିଦର୍ଶନ କରିଛନ୍ତି। ସେଠାରେ ସେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ଆଲୋଚନା କରି ତାଙ୍କର ସମସ୍ୟା ଓ ଅଭିଜ୍ଞତା ବିଷୟରେ ଜାଣିଥିଲେ। ପରେ ସେ ଜିଲାରେ ପିଏମ୍ ଶ୍ରୀ ଯୋଜନା ଅଧୀନରେ ଚାଲୁଥିବା ଅନୁଷ୍ଠାନଗୁଡ଼ିକର ସମୀକ୍ଷା କରିଥିଲେ। ଏହାପରେ ସେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବରିଷ୍ଠ ଅଧିକାରୀ ଏବଂ ସମସ୍ତ ପିଏମ୍‌ଶ୍ରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ବିସ୍ତୃତ ସମୀକ୍ଷା ବୈଠକ କରି ଯୋଜନାର କାର୍ଯ୍ୟଗତି ବିଷୟରେ ଆଲୋଚନା କରିଥିଲେ। ସେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା, ପରିଷ୍କାର ପରିଚ୍ଛନ୍ନତା, ସାନିଟେଶନ୍ ବ୍ୟବସ୍ଥା, ସୁରକ୍ଷିତ ପାନୀୟଜଳ ଉପଲବ୍ଧତା ଏବଂ ନିୟମିତ ଅଭିଭାବକ-ଶିକ୍ଷକ ବୈଠକ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତଙ୍କୁ ଏହି ଯୋଜନାର ସଫଳ ରୂପାୟନ ପାଇଁ ସମର୍ପଣ ଓ ସତ୍ୟନିଷ୍ଠା ସହ କାମ କରିବାକୁ ଆହ୍ୱାନ ଦେଇଥିଲେ। ଯାହା ମାଧ୍ୟମରେ ଶିଶୁମାନେ ଲାଭାନ୍ୱିତ ହେବେ।

# ପ୍ରମାଣପତ୍ର ନବୀକରଣ ସମସ୍ୟା ନେଇ ଲୋକପ୍ରତିନିଧିଙ୍କ ପ୍ରତିବାଦ

**ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ**

**ଖଇରା, ୭।୩(ଉତ୍କଳବନ୍ଧୁ ପଣ୍ଡା)**


ଲୋକପ୍ରତିନିଧିମାନେ ନବୀକରଣ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅଭିଯୋଗ କରୁଛନ୍ତି ।

ବାଲେଶ୍ୱର ଜିଲା ଖଇରା ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅନ୍ତର୍ଗତ ଭିନ୍ନକ୍ଷମ ଚିହ୍ନଟ ଶିବିର ଶନିବାର ଖଇରା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି । ତେବେ ଡାକ୍ତରମାନେ ବିଳମ୍ବରେ ପହଞ୍ଚିବା, ୨ଟା ପୂର୍ବରୁ ପରୀକ୍ଷା ବନ୍ଦ କରି ପଳାଇଯିବା ତଥା ଗତବର୍ଷ ଯେଉଁମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲା, ତାହା ନବୀକରଣ କରାଯାଇ ନ ଥିବାରୁ ଭତ୍ତା ମଞ୍ଜୁରୀରେ ସମସ୍ୟା ସୃଷ୍ଟି ହେବାକୁ ନେଇ ଅଧିକାଂଶ ପଞ୍ଚାୟତର ଲୋକପ୍ରତିନିଧିମାନେ ଏହାର ପ୍ରତିବାଦ କରିଥିଲେ। ଏଥିପାଇଁ ବେଶ କିଛି ସମୟ ଧରି ହୋହାଲ୍ଲା ପାଟିତୁଣ୍ଡ ମଧ୍ୟ ଚାଲିଥିଲା। ପରେ ସେଠାରେ ଉପସ୍ଥିତ ଥିବା ବିଧାୟକ ପଦ୍ମଲୋଚନ ପଣ୍ଡା, ବିଡିଓ ନାରାୟଣ ସାହୁ, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ପ୍ରମୁଖଙ୍କ ହସ୍ତକ୍ଷେପ ପରେ ମାତ୍ର ୨ଜଣ ହିତାଧିକାରୀଙ୍କ ପ୍ରମାଣପତ୍ର ନବୀକରଣ କରାଯାଇଥିଲା। ସେହିଭଳି ଶନିବାର ଶିବିରକୁ କର୍ଣ୍ଣ, ନାଶା ଓ ଗଳା ବିଶେଷଜ୍ଞ ଆସି ନ ଥିବାରୁ ୨ଶହରୁ ଅଧିକ ଏହି ବର୍ଗର ରୋଗୀ ଫେରିଯିବାକୁ ବାଧ୍ୟ ହୋଇଥିଲେ। ଅନ୍ୟାନ୍ୟ ବର୍ଗରେ ୪୨୩ଜଣ ଭିନ୍ନକ୍ଷମ ଉକ୍ତ ଶିବିରରେ ପରୀକ୍ଷା ପାଇଁ ନାମ ପଞ୍ଜିକରଣ କରିଥିଲେ। ବ୍ଲକ ସାମଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକ, ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକ, ମୁଖ୍ୟ କିରାଣି ବ୍ରହ୍ମାନନ୍ଦ ଦାଶ, ସିପି ଶଶିକାନ୍ତ ଦାସ, ଦ୍ରୁପଦ ନାୟକ, ଅନନ୍ତ କୁଅଁରଙ୍କ ସମେତ ଆଶା, ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ।

# ୨୦କୋଟି ବ୍ୟୟ ଅଟକଳରେ ୬ ରାସ୍ତାର ପ୍ରଶସ୍ତୀକରଣ

**ଶିଳାନ୍ୟାସ କଲେ ବିଧାୟକ**

**ବାଲେଶ୍ୱର, ୭।୩(ବାଞ୍ଛାନିଧି ଦେ)**


ଶିଳାନ୍ୟାସ ପର୍ବରେ ବିଧାୟକଙ୍କ ସହ ନେତୃବୃନ୍ଦ।

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ୬ଟି ରାସ୍ତାର ପ୍ରଶସ୍ତୀକରଣ ସହ ପୁନଃ ନିର୍ମାଣ ପ୍ରକଳ୍ପକୁ ବିଧାୟକ ମାନସ କୁମାର ଦତ୍ତ ଶିଳାନ୍ୟାସ କରିଛନ୍ତି। ସମସ୍ତ ପ୍ରକଳ୍ପ ପାଇଁ ୨୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଶନିବାର ବିଧାୟକ ଦତ୍ତ କୁରାଡ଼ିହା ଓ ରସଲପୁର ପଞ୍ଚାୟତ ୩ଟି ରାସ୍ତାର ଶିଳାନ୍ୟାସ କରିଛନ୍ତି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନ ୭କୋଟି ୩୭ଲକ୍ଷ ୩୮ହଜାର ୧ଶହ ୬୦ ଟଙ୍କା ବ୍ୟୟ ଅଟକଳରେ ରସଲପୁର ପଞ୍ଚାୟତର ଆରଡି ରାସ୍ତାଠାରୁ ବଡ଼ଧନାଡ଼ି ପର୍ଯ୍ୟନ୍ତ ରାସ୍ତା ଏବଂ କୁରାଡ଼ିହା ପଞ୍ଚାୟତର ୨କୋଟି ୯୧ଲକ୍ଷ ୫୨ହଜାର ବ୍ୟୟ ଅଟକଳରେ ପିଡବ୍ଲୁଡ଼ି ରାସ୍ତାଠାରୁ କୋଇଲିସାହି, ୨କୋଟି ୯୦ଲକ୍ଷ ୯୨ହଜାର ୫ଶହ ୪୧ଟଙ୍କା ବ୍ୟୟ ଅଟକଳରେ ଜାତୀୟ ରାଜପଥ-୬୦ଠାରୁ ପରମାନନ୍ଦପୁର ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରିଥିଲେ। ସେହିପରି ଶୁକ୍ରବାର ବୁଆଁଳ ଓ ଓଡ଼ଙ୍ଗୀ ପଞ୍ଚାୟତର ୩ଟି ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଥିଲା। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନ ୨କୋଟି ୮୯ଲକ୍ଷ ୮୨ହଜାର ଟଙ୍କା ବ୍ୟୟ ଅଟକଳରେ ବୁଆଁଳ ଆରଡ଼ି ରାସ୍ତାଠାରୁ ପାରଦୀପା ପର୍ଯ୍ୟନ୍ତ, ୨କୋଟି ୮ଲକ୍ଷ ୫୪ହଜାର ୯ଶହ ୧୦ ଟଙ୍କା ଅଟକଳରେ ବୁଆଁଳଠାରୁ କୁଡ଼ିଆ ପର୍ଯ୍ୟନ୍ତ, ୨କୋଟି ୬୫ଲକ୍ଷ ୩୭ହଜାର ୧ଶହ ୨୪ଟଙ୍କା ଅଟକଳରେ ଓଡ଼ଙ୍ଗୀ ତ୍ରିବେଣୀ ପୋଖରୀଠାରୁ ଏନ୍ଏଚ୍-୬୦ ନିଧିପଣ୍ଡା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପକୁ ବିଧାୟକ ଦତ୍ତ ଶିଳାନ୍ୟାସ କରିଥିଲେ।

ଗ୍ରାମାଞ୍ଚଳକୁ ସହର ସହିତ ଯୋଡ଼ିବା ଲକ୍ଷ୍ୟରେ ଯାତାୟାତ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ବାଲେଶ୍ୱର ସହର ଉପକଣ୍ଠ ଏକାଧିକ ପଞ୍ଚାୟତର ଲକ୍ଷାଧିକ ଲୋକ ଏହି ରାସ୍ତାର ଉନ୍ନତି ଦ୍ୱାରା ଉପକୃତ ହେବେ। ଉତ୍ତମ ଗୁଣବତ୍ତା ରକ୍ଷା ସହିତ ଠିକ୍ ମାନଦଣ୍ଡ ଓ ଧାର୍ଯ୍ୟ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ବିଧାୟକ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ଉପେନ୍ଦ୍ର ବେହେରା, ଭାଜପା ନେତା ଗଙ୍ଗାଧର ରାଉତ, ଶୁଭେଶ ନାୟକ, ହରେନ୍ଦ୍ର ପ୍ରଧାନ, ଶଶିକାନ୍ତ ମିଶ୍ର, ତପନ ଗିରି, ଶ୍ରୀଧର ବେହେରା, ପାଗେଶ୍ୱର ମହାପାତ୍ର, ସୁମିତ୍ରା ବାରିକ, ଶାନ୍ତିଲତା ପ୍ରଧାନଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ୧୧ ଜାଗାରେ ୩ ଡାକ୍ତର

**ଯୋଡ଼ା,୭।୩(ମାନସ ମହାନ୍ତି)**

**ଯୋଡ଼ା ଡାକ୍ତରଖାନାରେ ରୋଗୀସେବା ବିପର୍ଯ୍ୟସ୍ତ**

- ବର୍ଷେ ହେଲାଣି ଫାର୍ମାସିଷ୍ଟ ନାହାନ୍ତି
- ଗୋଦାମ ଘର ପାଲଟିଛି ଓଟି

କେନ୍ଦୁଝର ଜିଲାର ପ୍ରମୁଖ ସହରଭାବେ ଗଣା ଯୋଡ଼ା ଖଣି ମଣ୍ଡଳରୁ ବର୍ଷକୁ ୧୫ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜିଲା ଖଣିଜ ପାଣ୍ଠିକୁ ଯାଇଥାଏ। ରାଜସ୍ୱ ଦେବାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଯୋଡ଼ାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧ ବର୍ଷ ହେବ ଫାର୍ମାସିଷ୍ଟ ନ ଥିବା ବେଳେ ୧୧ ଜଣଙ୍କ ଡାକ୍ତରଙ୍କ ସ୍ଥାନରେ ମାତ୍ର ୩ ଜଣ କାର୍ଯ୍ୟ କରୁଛନ୍ତି। ଏପରିକି ଓଟି ନ ଥିବାରୁ ରୋଗୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଲୋକେ ସ୍ୱାସ୍ଥ୍ୟସେବା ପାଇଁ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ବାଧ ହେଉଥିବା କହିଛନ୍ତି।

ପ୍ରକାଶ ଯେ, ଯୋଡ଼ାରେ ଥିବା ୩୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ସଙ୍କୁଚିତ ହୋଇ ୧୫ ଶଯ୍ୟାରେ ପରିଣତ ହୋଇଛି। ଫିଜିଓଥେରାପି ପ୍ରତିଷ୍ଠା ହେବା ଯୋଗୁ ବେଡ୍ ସଂଖ୍ୟା ୧୫କୁ ହ୍ରାସ ପାଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଉଛି। ୧୧ ଜଣ ଡାକ୍ତରଙ୍କ ସ୍ଥାନରେ ଏବେ ୩ ଜଣ ଡାକ୍ତର କାର୍ଯ୍ୟ କରୁଥିବା ବେଳେ ଦୀର୍ଘ ୧ ବର୍ଷ ଧରି ସ୍ଥାୟୀ ଫାର୍ମାସିଷ୍ଟ ନାହାନ୍ତି। ନିଶ୍ଚେତକ ଡାକ୍ତର, ଅସ୍ତ୍ରୋପଚାର ଡାକ୍ତର ନ ଥିବାରୁ ଓଟି ଗୋଦାମ ଗୃହରେ ପରିଣତ ହେଲାଣି। ଡାକ୍ତରଙ୍କ ଚେଷ୍ଟାରେ ଲେବର ରୁମ୍‌ଟି କାର୍ଯ୍ୟକ୍ଷମ ରହିଛି। ଡାକ୍ତରଖାନାକୁ ଦୈନିକ ଯୋଡ଼ା, ଝୁରୁଡ଼ି, କମଳପୁର, ଜଜାଙ୍ଗ, ଜଳହରି, ଜାମିତା, ଜରିବାହାଲ, ପଳଶା ପ୍ରଭୃତି ଅଞ୍ଚଳରୁ ଆସୁଥିବା ୧୫୦ରୁ ୨୦୦ ରୋଗୀଙ୍କୁ ସ୍ୱଳ୍ପ ସଂଖ୍ୟକ ଡାକ୍ତର ଦେଖିଥାଆନ୍ତି। ଅନେକ ସମୟରେ ଡାକ୍ତର ଅଭାବ, ବିଶେଷଜ୍ଞ ଡାକ୍ତର ନ ଥିବାରୁ ଖର୍ଚ୍ଚାନ୍ତ ହୋଇ ଘରୋଇ ଡାକ୍ତରଖାନାକୁ ଯାଇଥାନ୍ତି। ଡିଏମ୍‌ଏଫ୍‌ରୁ ଥିବା ୨ ଜଣ ଡାକ୍ତର ବର୍ତ୍ତମାନ ସେବା ନିବୃତ୍ତ ଥିବା ବେଳେ ଏମାନଙ୍କ ସ୍ଥାନରେ ଡିଏମ୍‌ଏଫ୍ ଜରିଆରେ ନୂତନ ଡାକ୍ତର ନିଯୁକ୍ତି ନ କରି ଜିଲା ପ୍ରଶାସନ ପକ୍ଷରୁ ଅପସାରଣ କରାଇ ନିଆଯାଇଥିବାରୁ ସମସ୍ୟା ହେଉଛି। ରୋଗୀ ରାତ୍ରି ଦେଓଗାମ କହିଛନ୍ତି, କାନକୁ ଶୁଭୁ ନ ଥିବାରୁ ସେ ଡାକ୍ତରଖାନାକୁ ଆସିଥିଲେ। ବିଭାଗର ଡାକ୍ତର ନ ଥିବାରୁ ଉପଯୁକ୍ତ ଚିକିତ୍ସା ପାଇ ପାରି ନ ଥିଲେ। ରୋଗୀ ନନ୍ଦଲାଲ ବୋଦ୍ରା କହିଛନ୍ତି, ନବଜାତ ଶିଶୁ ବିଶେଷଜ୍ଞ ଓ ସ୍ତ୍ରୀରୋଗ ବିଶେଷଜ୍ଞ ନ ଥିବାରୁ ବହୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କମଳପୁରର ଦୁର୍ଯ୍ୟୋଧନ ବେହେରା କହିଛନ୍ତି, ଡାକ୍ତରଙ୍କ ସଂଖ୍ୟା କମ୍ ଥିବାରୁ ସମ୍ପୂର୍ଣ୍ଣ ଚିକିତ୍ସା ମିଳିପାରୁନାହିଁ। ସେହିପରି ରୋଗୀ ଲକ୍ଷ୍ମୀକାନ୍ତ ରଥ କହିଛନ୍ତି, ଆଦିବାସୀ ଅଧ୍ୟୁଷିତ ଯୋଡ଼ା ବ୍ଲକ୍‌ରେ ଯକ୍ଷ୍ମା ରୋଗୀ ବହୁ ସଂଖ୍ୟାରେ ଥିବା ବେଳେ ଲୋକେ ସେବାରୁ ବଞ୍ଚିତ ହେଉଛନ୍ତି। ଡାକ୍ତର କେଦାରନାଥ ପତି କହିଛନ୍ତି, ବୟସ ଅଧିକ ହୋଇଯିବାରୁ ଡିଏମ୍‌ଏଫ୍ ଦ୍ୱାରା ପୂର୍ବରୁ ନିୟୋଜିତ ୨ ଡାକ୍ତରଙ୍କୁ ବର୍ତ୍ତମାନ ସୁଦ୍ଧା ପୁନଃ ନିଯୁକ୍ତି ଦିଆଯାଇନାହିଁ।




# ଦନ୍ତା ଆକ୍ରମଣରେ ୧ ମୃତ, ୨ ଗୁରୁତର

**ପାଟଣା/ କେନ୍ଦୁଝର,୭।୩ (ବୀର କିଶୋର ଦାଶ/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ରାଇଡ଼ିହାବିଟ ଜାରକାଣିବେଡ଼ା କାଜୁ ଜଙ୍ଗଲରେ ଶନିବାର ସନ୍ଧ୍ୟାରେ ଗୋଠଛଡ଼ା ଦନ୍ତା ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ସାହାରପଡ଼ା ବ୍ଲକ୍ ଟଭାସରୁଆର ବେଣୁଧର ନାଏକ(୧୮)। ଗୁରୁତର ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଜମୁଳେଇବେଡ଼ାର ମାନସିଂହ ମୁଣ୍ଡା(୪୫)।

ସୂଚନା ଅନୁଯାୟୀ, ବେଣୁଧର ହାତୀ ଦେଖାଇବାକୁ ଯାଇଥିବା ବେଳେ ଦନ୍ତା ଶୁଣ୍ଢରେ କଚାଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସାହାରପଡ଼ା ବନପାଳ ଶ୍ରୀମନ୍ତ ବେହେରା ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାନସିଂହ ମଧ୍ୟ ହାତୀ ଦେଖିବାକୁ ଯାଇଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ। ଗୋରାଣ୍ଡି ଯୋଡି ଗାର୍ଡ ରଞ୍ଜିତା ମହାନ୍ତ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

ସେହିପରି କେନ୍ଦୁଝର ସଦର ବନାଞ୍ଚଳ ଟିକରପଡା ହନୁମାନଘାଟି ଘଙ୍ଗଲ ନିକଟରେ ଗୋଠଛଡ଼ା ଦନ୍ତା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ରାଇସୁଆଁ ପାତ୍ରସାହିର ହେମନ୍ତ ପାତ୍ର(୩୦)। ଗୁରୁବାର ରାତିରେ ବନାଯୋଡ଼ି ନରହରି ଦେହୁରୀଙ୍କ ବାରିରେ ଥିବା କୂଅରେ ହାତୀଟି ପଡ଼ିଯାଇଥିଲା। ବନବିଭାଗ ୮ଘଣ୍ଟା କସରତ କରି ଉଦ୍ଧାର କରିଥିଲା। କୂଅରୁ ହାତୀ ବାହାରି ଟିକରପଡ଼ା ଜଙ୍ଗଲରେ ଡେରାପକାଇଥିଲା। ହେମନ୍ତ ଟିକରପଡା ଆଡକୁ ଯାଇଥିବାବେଳେ ଦନ୍ତା ତାଙ୍କ ପେଟକୁ ଭୁସି ଦେଇଥିବାରୁ ଗୁରୁତର ହୋଇଛନ୍ତି। ପ୍ରଥମେ ରାଇସୁଆଁ ପରେ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ବିଦେଶୀ ମଦ ଜବତ, ୪ ଗିରଫ

**ବଉଳା,୭।୩(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ଅବକାରୀ ଅଧିକ୍ଷକ ତେଯରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଅବକାରୀ ଓ ହାଟଡ଼ିହୀ ଥାନା ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡ଼ିହୀ ଅବକାରୀ ଥାନା କର୍ମଚାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଟିମ୍ ନନ୍ଦିପଦା ଥାନା ଅନ୍ତର୍ଗତ ଓରାଳି, ଅଁରା ଅଞ୍ଚଳରେ ଚଢ଼ାଉକରି ୧୦.୮ ଲିଟର ବିଦେଶୀ ମଦ ଜବତ କରିବା ସହ ଗ୍ରାମର ମହେନ୍ଦ୍ର ଲେଙ୍କା, ଭୀମସେନ ଯେନା, ସୁମନ୍ତ ମେଳା, ଅମୂଲ୍ୟ ଜେନାଙ୍କୁ ଗିରଫ କରିଛି। ହାଟଡ଼ିହୀ ଅବକାରୀ ଥାନା ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇଛି। ଚଢ଼ାଉରେ ହାଟଡ଼ିହୀ ଅବକାରୀ ଥାନା ସହ ଉପ-ନିରୀକ୍ଷକ ସୁଶାନ୍ତ ରାଉତ, କନ୍‌ଷ୍ଟେବଲ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ଆଦି ଷ୍ଟାଫ୍ ସାମିଲ ରହିଥିଲେ।

# 'ମହିଳା ସୁସ୍ଥ ରହିଲେ ସମାଜ ସୁସ୍ଥ ରହିବ'



୨ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରୁଛନ୍ତି।

**କେନ୍ଦୁଝର,୭।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)**

**ଜମୁଛି ମହିଳା ଦିବସର ଉତ୍ସବ**

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ମହିଳାଙ୍କ ସ୍ୱାସ୍ଥ୍ୟ, ସଶକ୍ତିକରଣ ଏବଂ ନେତୃତ୍ୱକୁ ନୂତନ ଦିଶା ଦେବା ଲକ୍ଷ୍ୟରେ ସ୍ଥାନୀୟ ହ୍ୟାଣ୍ଡବଲ ଗ୍ରାଉଣ୍ଡଠାରେ ୬ ମାର୍ଚ୍ଚରୁ ୮ ମାର୍ଚ୍ଚ ୩ ଦିନ ଧରି 'ଅନ୍ତର୍ଜାତୀୟ ମହିଳା ଦିବସ' ପାଳନ ହେଉଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ରବୀନ୍ଦ୍ର ପ୍ରଧାନ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଦିବସରେ 'ତାଙ୍କ ଶରୀର, ତାଙ୍କ ଶକ୍ତି' ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଥମ ଦିନରେ ସାମୂହିକ ଯୋଗ ଶିବିର ହୋଇଥିଲା। ଏହି ଅବସରରେ ମହିଳାଙ୍କୁ ସୁସ୍ଥ ଜୀବନଶୈଳୀ ଆପଣେଇବା ପାଇଁ ଉତ୍ସାହିତ କରାଯାଇ ଜୁମ୍ବା, ଏରୋବିକ୍ସ, ପାରମ୍ପରିକ ନୃତ୍ୟ ଓ ଦେଶୀୟ କ୍ରୀଡ଼ା ପ୍ରଦର୍ଶିତ ହୋଇଥିଲା। ସୁସ୍ଥ ପରିବାର ଓ ସମାଜ ପାଇଁ ଜଣେ ମହିଳା ହେଉଛନ୍ତି କେନ୍ଦ୍ରବିନ୍ଦୁ। ଯଦି ମହିଳା ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରୁହନ୍ତି, ସେ କେବଳ ନିଜ ପାଇଁ ନୁହେଁ ବରଂ ପରିବାର, ଗ୍ରାମ ଏବଂ ସମଗ୍ର ରାଷ୍ଟ୍ରର ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି ବୋଲି ଅତିଥିମାନେ କହିଥିଲେ। ଦ୍ୱିତୀୟ ଦିନରେ 'ସଶକ୍ତ ମହିଳା, ସଶକ୍ତ ରାଷ୍ଟ୍ର' ବିଷୟବସ୍ତୁକୁ ଆଧାର କରି ମହିଳାଙ୍କ ଆତ୍ମରକ୍ଷା କୌଶଳ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆତ୍ମରକ୍ଷା କୌଶଳ କେବଳ ଶାରୀରିକ ଶକ୍ତି ବଢ଼ାଏ ନାହିଁ, ଜରୁରିକାଳୀନ ପରିସ୍ଥିତିରେ କିପରି ଶାନ୍ତ ରହି ବୁଦ୍ଧି ପ୍ରୟୋଗ କରିବାକୁ ହେବ, ତାହା ଶିଖାଏ ବୋଲି ଅତିଥିମାନେ କହିଥିଲେ। ମହିଳାମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ଆହ୍ୱାନର ଦୃଢ଼ ମୁକାବିଲା ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଜୁଡୋ, ବକ୍ସିଂ, କରାଟେ ଏବଂ ମୁଆଇ ଥାଇ ଭଳି ସମରକଳାର ପ୍ରଶିକ୍ଷଣ ଓ ଚିତ୍ତାକର୍ଷକ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି ନେଇ ସଚେତନତା ଶିବିର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବର୍ଗର ମହିଳା, ଯୁବ ଗୋଷ୍ଠୀ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଛନ୍ତି।

# ପଞ୍ଚାୟତ ପରିଦର୍ଶନ କଲେ ଏସ୍ଆଇଆରଡି ସ୍ୱତନ୍ତ୍ର ଅଧିକାରୀ

**ଢେଙ୍କିକୋଟ,୭।୩(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଅପରାହ୍ନ ୧ଟାରେ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ ରୁରାଲ ଡେଭଲପ୍‌ମେଣ୍ଟ ଆଣ୍ଡ ପଞ୍ଚାୟତି ରାଜ(ଏସ୍ଆଇଆର୍‌ଡ଼ି ଆଣ୍ଡ ପିଆର) ଭୁବନେଶ୍ୱରର ସ୍ୱତନ୍ତ୍ର ଅଧିକାରୀ ପ୍ରିୟାଂଶୁ ରାଉତରାୟ ପରିଦର୍ଶନ କରିଛନ୍ତି। ଘଟଗାଁ ବ୍ଲକ୍ ପଞ୍ଚାୟତ ଉନ୍ନୟନ ଅଧିକାରୀ ଭାଗବତ ସାହୁ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ଜନସାଧାରଣଙ୍କ ନିମନ୍ତେ ସମସ୍ତ ପ୍ରକାର ଅନୁସାଙ୍ଗିକ ସୁବ୍ୟବସ୍ଥାର ତଦନ୍ତ କରିବା ସହ ସମସ୍ତ କୋଠରୀର ଫୋଟୋ ଉଠାଇଥିଲେ। ଜନସାଧାରଣଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥାର ଠିକ୍ ପରିଚାଳନା ହେଉଛି କି ନାହିଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ରାଉତଙ୍କୁ ପଚାରି ବୁଝିଥିଲେ। ଏହି ସମୟରେ ସରପଞ୍ଚ ଖଇର ନାଏକ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ସ୍ୱତନ୍ତ୍ର ଅଧିକାରୀ କହିଛନ୍ତି, ଜିଲାରେ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ତଦନ୍ତ କରିବା ତାଙ୍କ ଦାୟିତ୍ୱ। କେଉଁ ପଞ୍ଚାୟତ କାର୍ଯ୍ୟାଳୟର ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରିବେ। ଶନିବାର ଘଟଗାଁ ବ୍ଲକ୍‌ର ଢେଙ୍କିକୋଟ, ମୁକ୍ତାପୁର, ପଣ୍ଡାପଡା, ଉପରଡିହା ଏବଂ ମୁକୁନ୍ଦପୁର ପଞ୍ଚାୟତ ପରିଦର୍ଶନ କରିଥିବା ସେ କହିଥିଲେ।


ଏସ୍ଆଇଆର୍‌ଡ଼ି ଆଣ୍ଡ ପିଆରର ସ୍ୱତନ୍ତ୍ର ଅଧିକାରୀ ଓ ଅନ୍ୟମାନେ।

# ଭାଜପାରେ ମିଶିଲେ ଅନ୍ୟ ଦଳର କର୍ମୀ

**ବଉଳା,୭।୩(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଅନ୍ୟ ଦଳ ଛାଡ଼ି ୨ ସମିତି ସଭ୍ୟାସଭ୍ୟ ଓ ଜଣେ ଯୁବନେତା ଭାଜପାରେ ମିଶିଛନ୍ତି। ଧନୁର୍ଜୟପୁରରେ ଭାଜପା ପକ୍ଷରୁ ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମର ପନ୍ଦାଡ଼ୋ ପଞ୍ଚାୟତ ସମିତି ସଭ୍ୟ ଅନିରୁଦ୍ଧ ବେହେରା ଓ ବାଲିବରେଇ ସମିତି ସଭ୍ୟା ଦମୟନ୍ତୀ ଜେନା ଯୋଗଦେଇଥିବା ବେଳେ ସଡ଼ା ପଞ୍ଚାୟତ ମଉଦା ଗ୍ରାମର ଯୁବନେତା ମନୋରଞ୍ଜନ ନାୟକ ଭାଜପାରେ ଯୋଗଦେଇଛନ୍ତି। ମିଶ୍ରଣ ପର୍ବରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ବରିଷ୍ଠ ଭାଜପା ନେତା ଆଲୋକ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ତଥା ଜିଲା ସମ୍ପାଦକ ଜ୍ଞାନ ରଞ୍ଜନ ସାମନ୍ତସିଂହାର, ବରିଷ୍ଠନେତା ସାନ୍ତୁନୁ ସେଠୀ, ଜିଲା ପରିଷଦ ସଦସ୍ୟା ଅସିମା ମିଶ୍ର, ଯୁଧିଷ୍ଠିର ମଲ୍ଲିକ, ହରମୋହନ ଶାଶିନୀଙ୍କ ସମେତ ବହୁ ନେତା ଉପସ୍ଥିତ ରହି ନବାଗତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ତାଙ୍କ ଦୁଃଖ ସୁଖରେ ଦଳ ସାମିଲ ହେବ ବୋଲି କହିବା ସହିତ ନିଜ ପଞ୍ଚାୟତର ବିକାଶ ଓ ସଂଗଠନ ମଜବୁତ କରିବାକୁ ପରାମର୍ଶ ଦେଇଥିଲେ।


ଏମ୍‌ପି ଅନନ୍ତ ନାୟକ ନୂତନ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ପାଟଣା,୭।୩(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଭୁଲୁଦା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଲାଲ ମୋହନ ମହାନ୍ତ(୭୨)। ସେ ଶନିବାର ଅପରାହ୍ଣରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ବୁଡ଼ିଯାଇଥିଲେ। ଘର ଲୋକ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ. ୮/୨୬)ରୁଜୁ ହୋଇ ତଦନ୍ତ ଚାଲିଥିବା ଏଏସ୍ଆଇ ସୁଜାତା ମହାନ୍ତ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ହରିହର ମନ୍ଦିରର ବାର୍ଷିକୋତ୍ସବ

**ବଡ଼ବିଲ,୭।୩(ଜୟନ୍ତୀ ରଣା)**

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ପ୍ରଭୂ ଶ୍ରୀ ହରିହର ମନ୍ଦିରର ୪୦ତମ ବାର୍ଷିକୋତ୍ସବ ଶୁକ୍ରବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଚୈତ୍ରକୃଷ୍ଣ ତୃତୀୟାରେ ବାର୍ଷିକୋତ୍ସବ ଅବସରରେ ପୂର୍ବାହ୍ନ ୬ଟାରେ ଶ୍ରୀ ବିଷ୍ଣୁ ସହସ୍ରନାମ ଓ ଗୀତାପାରାୟଣ, ନାମଯଜ୍ଞ, ଶୁଭାଧିବା ଓ ନାମ ସଂକୀର୍ତ୍ତନ, ସକାଳ ୮ଟାରେ ସୂର୍ଯ୍ୟପୂଜା, ଗୋ-ପୂଜା, ଯଜ୍ଞାଗ୍ନି ସ୍ଥାପନ ହୋଇଥିଲା। ପରେ ମହାରୁଦ୍ରାଭିଷେକ ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଯଜ୍ଞପୂର୍ଣ୍ଣାହୁତି ହୋଇଥିଲା। ମନ୍ଦିର ପରିଚାଳନା ସମିତି ପକ୍ଷରୁ ଭକ୍ତଙ୍କ ନିମନ୍ତେ ପ୍ରସାଦ ବିତରଣ କରାଯାଇଥିଲା। ଭଜନ ସନ୍ଧ୍ୟାରେ ମୋ ଜଗା କାଳିଆରେ...... ଭଜନ ଭକ୍ତଙ୍କ ମନ ମୋହିଥିବା ବେଳେ କଣ୍ଠଶିଳ୍ପୀମାନେ ବିଭିନ୍ନ ଭଜନ ପରିବେଷଣ କରି ବିଳମ୍ବିତ ରାତି ପ୍ରାୟ ପର୍ଯ୍ୟନ୍ତ ଭକ୍ତଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲେ।

# ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା

**କେନ୍ଦୁଝର,୭।୩(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ସୂଚନା ଅଧିକାର ଆଇନ-୨୦୦୫ର ଠିକ୍ ଅନୁପାଳନ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଦିନିକିଆ ଜିଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଜିଲାପାଳଙ୍କ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅଧିକାର ଆଇନର ଧାରା ୪(୧) (ଖ) ଅନୁଯାୟୀ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ନିଜସ୍ୱ ତଥ୍ୟାବଳୀକୁ ସ୍ୱେଚ୍ଛାକୃତ ଭାବେ ସର୍ବସାଧାରଣରେ ପ୍ରକାଶ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କର୍ମଶାଳାକୁ ଭୁବନେଶ୍ୱରରୁ ଆସିଥିବା ବିଷୟ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ଅନ୍‌ଲାଇନ ଆର୍‌ଟିଆଇ ପୋର୍ଟାଲ କିପରି ଇ-ଆର୍‌ଟିଆଇ ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ପ୍ରଦାନ କରାଯିବ। ସରକାରୀ ୱେବସାଇଟ୍‌ରେ ୧୭ଟି ବିଶିଷ୍ଟ ତଥ୍ୟାବଳୀର ନିୟମିତ ଅପଡେଟ। ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଏବଂ ଆବେଦନ ଖାରଜ ହେଲେ ଅନୁସରଣ କରାଯାଉଥିବା ଆଇନଗତ ପ୍ରକ୍ରିୟା। ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ଅର୍ଥରାଶିର ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳାରେ ଜିଲାର ସମସ୍ତ ବିଭାଗରୁ ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନ ସୂଚନା ଅଧିକାରୀ ଏବଂ ସହକାରୀ ଜନ ସୂଚନା ଅଧିକାରୀ ଅଂଶଗ୍ରହଣ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଧିକାରୀମାନେ ସନ୍ଦେହ ଦୂର କରିବା ସହ ବାସ୍ତବ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ବିଶେଷଜ୍ଞଙ୍କ ସହ ପରାମର୍ଶ କରିଥିଲେ। ସୂଚନା ଅଧିକାର ଆଇନ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଉଚ୍ଚ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଓ ଇଂରାଜୀ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମାନପତ୍ର ସହ ଆର୍ଥିକ ପୁରସ୍କାର ରାଶି ମଧ୍ୟ ପ୍ରଦାନ କରାଯାଇଥିଲା। କର୍ମଶାଳାରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲାପାଳ ନିଜାରତ ସନ୍ତୋଷ ଜେନା, ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋର୍ତିମୟୀ ନାଏକ ପରିଚାଳନା କରିଥିଲେ।



ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ଅତିଥି ମାନପତ୍ର ପ୍ରଦାନ କରୁଛନ୍ତି।

# ଆବର୍ଜନାରୁ ସୌଖୀନ ସାମଗ୍ରୀ

**ବଉଳା, ୭।୩(ଦୁର୍ଗା ପ୍ରସାଦ ଆୟଚ)**

**ଉଦାହରଣ ସାଜିଛନ୍ତି ଅବସରପ୍ରାପ୍ତ ଶିକ୍ଷକ ନିରାକାର**

କେନ୍ଦ୍ର ଓ ରାଜ୍ୟ ସରକାର ଗାଁଠାରୁ ସହର ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ସ୍ୱଚ୍ଛତା ରଖିବାକୁ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆବର୍ଜନାରୁ କିଭଳି ବିଭିନ୍ନ ସୌନ୍ଦର୍ଯ୍ୟକରଣ ଘରକରଣା ସାମଗ୍ରୀ ତିଆରି ହୋଇପାରିବ, ଛାତ୍ରୀଛାତ୍ର ଏହାଦ୍ୱାରା ଭବିଷ୍ୟତ ଗଢ଼ିପାରିବେ, ସେଥିପ୍ରତି ଧ୍ୟାନ ଦେଇ ବିଭିନ୍ନ ସୌଖୀନ ସାମଗ୍ରୀ ତିଆରି କରି ଅବସରପ୍ରାପ୍ତ ଶିକ୍ଷକ ନିରାକାର ଜେନା ଉଦାହରଣ ପାଲଟିଛନ୍ତି। ଶିକ୍ଷକତା ସମୟରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଉଥିବା ବେଳେ ଅବସର ପରେ ବି ଆବର୍ଜନାରୁ ଘରକରଣା ତିଆରି କରିବା କାର୍ଯ୍ୟ ଜାରି ରଖିଛନ୍ତି।

ପ୍ରକାଶ ଯେ, ନିରାକାର କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ପନ୍ଦାଡ଼ୋ ୟୁଜି ୟୁପି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକଭାବେ କାର୍ଯ୍ୟକରି ଅବସରଗ୍ରହଣ କରିଛନ୍ତି। ଶିକ୍ଷକତା ସମୟରେ ବିଦ୍ୟାଳୟ ପରିସର ଓ ରାସ୍ତାରେ ପଡ଼ିଥିବା ପ୍ଲାଷ୍ଟିକ, କାଚ ବୋତଲ, ଥଣ୍ଡା ବୋତଲର ଠିପି, ସୋଲ ଠୁଙ୍ଗା, ଚଢ଼େଇଙ୍କ ପର, ଜରି, ପ୍ଲାଷ୍ଟିକ ଚାମଚ, ଅଣ୍ଡା ଖୋଳ, ମୋଟର ସାଇକେଲ ଫିଲ୍‌ଟର ଇତ୍ୟାଦିକୁ ସଂଗ୍ରହ କରୁଥିଲେ। ସେଥିରେ ବିଭିନ୍ନ ସାମଗ୍ରୀ ତିଆରି କରୁଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ଥଣ୍ଡା ବୋତଲର ଠିପିକୁ ରଙ୍ଗବେରଙ୍ଗ କରି ଗଣନ ପ୍ରକ୍ରିୟା, ମୋଟର ସାଇକେଲରୁ ବାହାରୁଥିବା ନଷ୍ଟ ଫିଲ୍‌ଟରକୁ ପେନ୍ ଷ୍ଟାଣ୍ଡ, ଫୁଲଦାନି କରିଛନ୍ତି। ନଷ୍ଟ ପ୍ଲାଷ୍ଟିକ୍ ପାଇପ୍‌ରେ ଛାତ୍ରୀଛାତ୍ରଙ୍କ ପାଇଁ ମିଶାଣ ଯନ୍ତ୍ର ଏବଂ ଆଲୋକ ସରଳ ରେଖାରେ ଗତି କରୁଥିବାର ଉଦାହରଣର ସାମଗ୍ରୀ ଭାବେ ବ୍ୟବହାର କରୁଥିଲେ। ନଷ୍ଟ ଷ୍ଟିଲ ପାଇପ୍ ଓ ଲୁହାରେ ଛାତ୍ର ସୁରକ୍ଷା କବଜ, ଅଣ୍ଡାଖୋଳ ଚୋପାରେ ୱାଲ ହ୍ୟାଙ୍ଗିଙ୍ଗ୍ ଏବଂ ୱାଲ୍ ଚାନ୍ଦୁଆ କରିଛନ୍ତି। ଅଦରକାରୀ ବୋତଲରେ ପକ୍ଷୀର ପରକୁ ସଜାଇ ଆକର୍ଷଣୀୟ ଘରକରଣା ତିଆରି କରୁଛନ୍ତି। ଏଥିସହ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ଦକ୍ଷତା ପ୍ରତିପାଦନ କରିବାକୁ ପ୍ରୟାସ କରୁଥିଲେ। ଅବସର ପରେ ବି ଆବର୍ଜନାକୁ ସୁବିନିଯୋଗ କରି ଘରକରଣା ସାମଗ୍ରୀ ତିଆରି କରିବା ଜାରି ରଖିଛନ୍ତି। ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଆବର୍ଜନାରୁ କିଭଳି ଘରକରଣା ସାମଗ୍ରୀ ତିଆରି କରାଯାଇପାରିବ, ସେ ନେଇ ପ୍ରଶିକ୍ଷଣ ଦେବାକୁ ପ୍ରୟାସ କରାଯିବାର ଆବଶ୍ୟକତା ରହିଛି ସାଧାରଣରେ କୁହାଯାଉଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକାର ଜେନା କହିଛନ୍ତି, ଶିକ୍ଷା ସହିତ ଆବର୍ଜନାରୁ ନୂତନତ୍ୱ ସୃଷ୍ଟି କରିବାକୁ ପ୍ରୟାସ କରୁଥିଲେ। ନୂତନ ସାମଗ୍ରୀ ତିଆରି କରିବା ସମୟରେ ଛାତ୍ରୀଛାତ୍ରଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରୁଥିଲେ, ଯାହା ଦ୍ୱାରା ସେମାନଙ୍କ ପାଇଁ ଭବିଷ୍ୟତରେ ରୋଜଗାରର ବାଟ ଫିଟିପାରିବ। ଏଥିସହିତ ବେକାରି ସମସ୍ୟା ଓ ପରିବେଶ ସନ୍ତୁଳନ ରକ୍ଷାରେ ଆଗାମୀ ଦିନରେ ସହାୟକ ହେବ ବୋଲି ଆଶା ପ୍ରକଟ କରିଛନ୍ତି। ତେଣୁ ଶିକ୍ଷା ସହିତ କିଛି ସମୟ ଏ ଭଳି କାର୍ଯ୍ୟ କରୁଥିଲେ।


ଆବର୍ଜନାରୁ ନିର୍ମିତ କଳାକୃତି ନିକଟରେ ଅବସରପ୍ରାପ୍ତ ଶିକ୍ଷକ ନିରାକାର ଜେନା।

# ଜିଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସ୍ଥିତି ସଙ୍ଗିନ

■ଆଶାନୁରୂପ ହୋଇପାରୁନି ମାସିକ ଶ୍ରେଣୀଗୃହ ପରିଦର୍ଶନ, ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

■ଜିଲା ପ୍ରକଳ୍ପ ପରିଚାଳନା ୟୁନିଟ୍ ବୈଠକରେ ଉଦ୍‌ବେଗ

ଭଦ୍ରକ,୭।୩(ସନାତନ ରାଉତ)


ଅଧିକାରୀମାନେ ଜିଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ପତ୍ରିକା ପ୍ରଦର୍ଶନ କରୁଛନ୍ତି।

ଭଦ୍ରକ ଜିଲାର ୭ ବ୍ଲକ୍‌ରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସ୍ଥିତି ସଙ୍ଗିନ ରହିଛି। ମାସିକ ଶ୍ରେଣୀଗୃହ ପରିଦର୍ଶନ ଓ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଆଶାନୁରୂପ ହୋଇପାରୁନି ତଥା ଅତି ନିମ୍ନ ପ୍ରଦର୍ଶନ ହୋଇଥିବା ନେଇ ଜିଲା ପ୍ରକଳ୍ପ ପରିଚାଳନା ୟୁନିଟ୍ ବୈଠକରେ ସମସ୍ତ ତଥ୍ୟ ପଦାକୁ ଆସିଛି। ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଶନିବାର ଅପରାହ୍ଣ ୫ଟାରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ବ୍ଲକର ଶିକ୍ଷା ବ୍ୟବସ୍ଥାର ପରିଚାଳନା ଓ ପ୍ରଦର୍ଶନ ବିଷୟରେ ସମୀକ୍ଷା କରାଯାଇଥିଲା। ଜିଲା ପ୍ରକଳ୍ପ ପରିଚାଳନା ୟୁନିଟ୍ ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ ସମସ୍ତ ବ୍ୟବସ୍ଥା ନୈରାଶ୍ୟଜନକ ଜଣାପଡ଼ିଥିଲା। ମାସିକ ଶ୍ରେଣୀଗୃହ ପରିଦର୍ଶନ ମାତ୍ର ୫୭ ପ୍ରତିଶତ ରହିଛି।

ଜିଲାର ମୋଟ ୧୬୫୬ଟି ବିଦ୍ୟାଳୟରୁ ମାତ୍ର ୯୪୯ଟି ବିଦ୍ୟାଳୟରେ ମାସିକ ଶ୍ରେଣୀଗୃହ ପରିଦର୍ଶନ କରାଯାଇଛି। ସେଥିମଧ୍ୟରୁ ସଦର ବ୍ଲକ୍‌ରେ ସ୍ଥିତି ନୈରାଶ୍ୟଜନକ ରହିଛି। ବାସୁଦେବପୁର ବ୍ଲକରେ ୮୭ ପ୍ରତିଶତ ହୋଇଥିବା ବେଳେ ଭଦ୍ରକ ବ୍ଲକରେ ମାତ୍ର ୩୩ ଓ ବନ୍ତରେ ୩୪ ପ୍ରତିଶତ ରହିଛି। ସେହିପରି ଶିକ୍ଷା ସୋପାନରେ ପିଲାଙ୍କ ପଢ଼ିବା, ଶୁଣିବା ଓ ବୁଝିବା ପାଇଁ ପ୍ରଚଳନ ହୋଇଥିବା ପ୍ରକ୍ରିୟା ଜିଲାର ମୋଟ ୧୪୧୨ଟି ସ୍କୁଲ ମଧ୍ୟରୁ ୩୩୪ଟି ସ୍କୁଲରେ କରାଯାଇଛି। ଜିଲାର ପ୍ରଦର୍ଶନ ମାତ୍ର ୨୪ ପ୍ରତିଶତ ହୋଇଥିବା ବେଳେ ଚାନ୍ଦବାଲି ବ୍ଲକ୍‌ରେ ମାତ୍ର ୧୨ ପ୍ରତିଶତ, ଭଦ୍ରକ ବ୍ଲକ୍‌ରେ ୧୪ ଓ ବନ୍ତ ବ୍ଲକ୍‌ରେ ୧୮ ପ୍ରତିଶତ ପ୍ରଦର୍ଶନ ରହିଛି। ସେହିପରି ମାସିକ କ୍ଲଷ୍ଟରସ୍ତରୀୟ ବୈଠକର ରିପୋର୍ଟିଂ ୧୪୧୨ ସ୍କୁଲ ମଧ୍ୟରୁ ମାତ୍ର ୩୩୧ ସ୍କୁଲ କରିଛି। ପ୍ରତି ସପ୍ତାହର ସୋମବାର ଏହି କ୍ଲଷ୍ଟରସ୍ତରୀୟ ବୈଠକ କରାଯିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିବା ବେଳେ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଜଣାପଡ଼ିଛି। ଜିଲାସ୍ତରୀୟ ବୈଠକରେ ପ୍ରତି କ୍ଲଷ୍ଟରରୁ ୨ଜଣ ଶିକ୍ଷକ ଯୋଗ ଦେଇଥାନ୍ତି। ବୈଠକରେ ଯାହା ପଦକ୍ଷେପ ନିଆଯାଏ, ସେହି ବିଷୟରେ ସେମାନେ କ୍ଲଷ୍ଟର ସ୍ତରରେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାସିକ ବୈଠକରେ ଅବଗତ କରିବା କଥା। ଠିକ୍ ଭାବେ ଏହି ପ୍ରକ୍ରିୟା ହୋଇ ନ ଥିବାରୁ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରୁ ନାହିଁ ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଶେଷକରି ସଦର ବ୍ଲକ୍‌ରେ ଏ ସମସ୍ତ ବ୍ୟବସ୍ଥା ଅତି ନିମ୍ନମାନର ପ୍ରଦର୍ଶନ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଜିଲାରେ ଶିଶୁବାଟିକାରେ ୧୦,୫୭୭ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ଆବଶ୍ୟକ ଶିଶୁ ସେବିକା ନିଯୁକ୍ତି ହୋଇ ନ ଥିବାରୁ ଜିଲାପାଳ ଦିଲୀପ ରାଉତରାଏ କ୍ଷୋଭ ପ୍ରକାଶ କରିଥିଲେ। ଖୁବ୍‌ଶୀଘ୍ର ଶିଶୁ ସେବିକା ନିଯୁକ୍ତି ଓ ବାକି ଥିବା ସିଆର୍‌ସିସି ପଦବୀ ପୂରଣ ପାଇଁ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲାପାଳ ରାଉତରାଏ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ, ଡିପିସି ଇତିଶ୍ରୀ ମିଶ୍ର, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ଓ ୟୁନିଟ୍‌ର ସଭ୍ୟ ଏସ୍.ଏମ୍. ଫାରୁକ୍ ମତାମତ ରଖିଥିଲେ। ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ତତ୍ପର ହେଉ ନ ଥିବାରୁ ସରକାରଙ୍କ ଲକ୍ଷ୍ୟ ସାକାର ହେବାରେ ବାଧା ସୃଷ୍ଟି ହେଉଥିବା କମିଟି ସଦସ୍ୟ ଫାରୁକ୍ କହିଥିଲେ। ଏହି ଅବସରରେ ଜିଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ପତ୍ରିକା 'ସମ୍ପର୍କ' ଓ ଶିଶୁବାଟିକା ପାଇଁ ଉଦ୍ଦିଷ୍ଟ ବହି 'ଛବି ଦେଖି ଶିଖିବା' ପ୍ରଦର୍ଶିତ ହୋଇଥିଲା।

# କରତକଳରେ ବନ ବିଭାଗର ଚଢ଼ାଉ


ବନ ବିଭାଗ ଅଧିକାରୀ ଦାଣ୍ଡକୁଳଠାରେ ଚାଲିଥିବା ବେଆଇନ କରତକଳରେ ଚଢ଼ାଉ କରୁଛନ୍ତି।

ଧାମନଗର, ୭।୩ (ଦେବେନ୍ଦ୍ର ଆଦିଆ)

ଧାମନଗର ରେଞ୍ଜ୍ ଅଧୀନ ଦାଣ୍ଡକୁଳଠାରେ ବେଆଇନ ଭାବେ ଚାଲିଥିବା କରତକଳରେ ବନ ବିଭାଗ ଶନିବାର ଚଢ଼ାଉ କରିଛି। ଘଟଣାସ୍ଥଳରୁ ୩୭ ସିଫ୍ଟର ପୁଣ୍ଡିଆ, ଜାମୁ ଗଡ଼ କାଠ ଓ ସାଇଜ୍ କାଠ ସହ ଯନ୍ତ୍ରାଂଶ ଜବତ କରାଯାଇଛି। ଭଦ୍ରକ ଡିଏଫ୍‌ଓ ସୌଭାଗ୍ୟ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ସୁମିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଧାମନଗର ବନ ବିଭାଗ ରେଞ୍ଜର ବବୁଲ ମଲିକ, ଫରେଷ୍ଟର ବସନ୍ତ ମାଝୀ, ଭଣ୍ଡାରିପୋଖରୀ ଫରେଷ୍ଟର କୃଷ୍ଣଚନ୍ଦ୍ର ବାସ୍କେ ଓ ଫରେଷ୍ଟ ଗାର୍ଡ ଭଣ୍ଡାରିପୋଖରୀ ପୋଲିସ ସହାୟତାରେ ଦାଣ୍ଡକୁଳ ନିକଟରେ ଚାଲୁଥିବା ବେଆଇନ କରତକଳରେ ଚଢ଼ାଉ କରିଥିଲେ। ଜବତ କାଠ ଓ ଯନ୍ତ୍ରାଂଶର ମୂଲ୍ୟ ଆନୁମାନିକ ପ୍ରାୟ ୪ ଲକ୍ଷ ଟଙ୍କା ହେବ ବୋଲି ରେଞ୍ଜରଙ୍କ ସୂତ୍ରରୁ ଜଣାଯାଇଛି। ଚଢ଼ାଉ ସମୟରେ କରତକଳ ମାଲିକ ଫେରାର ହୋଇଯାଇଛନ୍ତି।

# ଶ୍ୟାମସୁନ୍ଦର ଜୀଉଙ୍କ ଦୋଳ ମହୋତ୍ସବ

ଭଦ୍ରକ,୭।୩(ସନାତନ ରାଉତ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତର ଭୂୟାଁସଠାରେ ଶ୍ୟାମସୁନ୍ଦର ଜୀଉଙ୍କ ଦୋଳ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ସୁରେନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ମହୋତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ପ୍ରାଧ୍ୟାପକ କିଶୋର ଚନ୍ଦ୍ର ରାୟ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଜେଲର ରତିକାନ୍ତ ଶୁକ୍ଳା, କବି ସରୋଜ କୁମାର ବଳ, କବୟିତ୍ରୀ ମନୋରାମା ରାୟ, ଆଇନଜୀବୀ ଧୀରେନ୍ଦ୍ର ରାୟ, ବିଜେଡି ନେତା ସୁରେନ୍ଦ୍ର ନାୟକ, ଭାଜପା ନେତା ବିଦ୍ୟାଧର ସାହୁ, ଆଇନଜୀବୀ ବିଜନ ଜେନା, ସମୀର ଦେ, ମିଲୁ ମହାନ୍ତି, ଚନ୍ଦନ ମହାନ୍ତି, ନାରାୟଣ ବସନ୍ତ ରାୟ, କଳିଆ ରାୟ, ରୋହିତ ରାୟ, ବୁଲୁ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଦୋଳ ଉତ୍ସବ ଗ୍ରାମ ଗ୍ରାମ ମଧ୍ୟରେ ସମ୍ପର୍କ ସ୍ଥାପନ ଓ ପାରସ୍ପରିକ ସ୍ନେହ ଶ୍ରଦ୍ଧାର ପ୍ରତୀକ ବୋଲି ଅତିଥିମାନେ କହିଥିଲେ। ଶେଷରେ ଆଇନଜୀବୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡପରେ ପୂଜା ପାଉଛି ୨୫ ସୁସଜ୍ଜିତ ବିମାନ

## ୧୬୪ ବର୍ଷରେ କାଳିଆପଦା ପଞ୍ଚଦୋଳ ମେଳଣ

ବାସୁଦେବପୁର,୭।୩
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ପଞ୍ଚାୟତର ବେଲସାଉଁଳିଆରେ ଐତିହାସିକ କାଳିଆପଦା ପଞ୍ଚଦୋଳ ମେଳଣ ୪ର୍ଥ ଦିନରେ ପହଞ୍ଚିଛି। ହୋଲି ପର୍ବ ରାତିରୁ ଏହି ମେଳଣ ଆରମ୍ଭ ହୋଇ ୫ଦିନ ବ୍ୟାପୀ ମଣ୍ଡପରେ ଦିଅଁ ସୁସଜ୍ଜିତ ବିମାନରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ଏହି ପୁରାତନ ମେଳଣ ଏଥର ୧୬୪ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ୨୫ଟି ବିମାନରେ ଦିଅଁ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ଆସିଥିଲେ। ବିଧିପୂର୍ବକ ମେଳଣ ମଣ୍ଡପରେ ଦିଅଁଙ୍କୁ ଭୋଗ ଲଗାଯିବା ସହ ପୂଜାର୍ଚ୍ଚନା କରାଯାଉଛି। ଏହି ମଣ୍ଡପରେ ଯଜ୍ଞ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ମେଳାରେ ଭିଡ଼ ଜମୁଛି। ମେଳଣ କମିଟି ସଭାପତି ଗଜେନ୍ଦ୍ର ପ୍ରସାଦ ମିଶ୍ର ଓ ସମ୍ପାଦକ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମେଳଣ ଚାଲିଥିବା ବେଳେ ରବିବାର ପୂର୍ବାହ୍ନରେ ଦିଅଁ ମେଳଣ ମଣ୍ଡପରୁ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିବେ।


ମଣ୍ଡପରେ ସୁସଜ୍ଜିତ ବିମାନ।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାରକୁ ଗୁରୁତ୍ୱ


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଭଦ୍ରକ,୭।୩ (ସନାତନ ରାଉତ/ ରବିନାରାୟଣ ଖିଲାର)

## ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ସୁଦୃଢ଼ ଓ ପ୍ରଚଳିତ କରିବା ଉଦ୍ଦେଶ୍ୟରେ ଭଦ୍ରକ ଜିଲା ସଂସ୍କୃତି ଭବନରେ ଦୁଇଦିନିଆ ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ କୁମାର ରାଉତରାଏ ଯୋଗଦେଇ କହିଥିଲେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଉପଯୋଗୀ ହେବ। ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଦୈନନ୍ଦିନ ଓଡ଼ିଆ ଭାଷାକୁ ଠିକ୍ ଭାବେ ପ୍ରୟୋଗ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଛନ୍ତି।

ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ. ରବିନାରାୟଣ ପଣ୍ଡା, ସହକାରୀ ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ମଲ୍ଲିକ, ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାରେ ସରକାରୀ ନଥିପତ୍ର ପ୍ରସ୍ତୁତ ଓ ଉପସ୍ଥାପନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଦୈନିକ କାର୍ଯ୍ୟରେ ଓଡ଼ିଆ ଭାଷାର ଠିକ୍ ବ୍ୟବହାର ଜନସାଧାରଣଙ୍କ ସହ ସରକାରୀ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସହକାରୀ ଜିଲାପାଳ ସ୍ୱର୍ଣ୍ଣମୟୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଡେପୁଟି କଲେକ୍ଟର ପ୍ରମିଳା ମଲ୍ଲିକ ଓ ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଛିନ୍‌ତାଇ ଅଭିଯୋଗରେ ୨ ଗିରଫ

ବାସୁଦେବପୁର,୭।୩(କାଳିପଦ ରାୟ)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ପୋଲିସ ଛିନ୍‌ତାଇ କରିଥିବା ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବଡ଼ଅସୁରା ଗ୍ରାମର ଭାସ୍କର ମଳିକ(୪୦) ଓ ମଦନ ନାୟକ(୫୦)। ସୂଚନା ଅନୁଯାୟୀ, ନାୟକାଣିଡିହୀ ଥାନା ଅଧୀନ ଲକ୍ଷ୍ମୀପ୍ରସାଦ ଗ୍ରାମର ଜଣେ ନାବାଳିକା ଶୁକ୍ରବାର ସକାଳେ ଘରକୁ ଯିବା ପାଇଁ ଆଟୋ ପଞ୍ଚାୟତର ପଗଡ଼ ବସ୍‌ଷ୍ଟପଠାରେ ଛିଡ଼ା ହୋଇଥିଲେ। ଭାସ୍କର ଓ ମଦନ ଏକ ବାଇକ୍‌ରେ ଆସି ତାଙ୍କ କାନଫୁଲ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ନାବାଳିକାଙ୍କ ସମ୍ପର୍କୀୟଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୮୦/୨୬) ରୁଜୁ କରିଥିଲା। ଥାନାଧିକାରୀ ଶାନ୍ତନୁ କୁମାର ଜେନା ରାତିରେ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ କାନଫୁଲ, ମୋବାଇଲ ସହ ନଗଦ ୩୨୦୦ ଟଙ୍କା ଓ ବାଇକ୍ ଜବତ କରାଯାଇଛି। ଶନିବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ଭଦ୍ରକରେ ଖୋଲିଲା ପ୍ରଥମ ସାଇବର ଥାନା




ଭଦ୍ରକ,୭।୩(ସନାତନ ରାଉତ)

ଭଦ୍ରକ ବାଇପାସ୍‌ସ୍ଥିତ ପୂର୍ବରୁ ଥିବା ଗ୍ରାମାଞ୍ଚଳ ଥାନା ପରିସରରେ ଭଦ୍ରକ ଜିଲାର ପ୍ରଥମ ସାଇବର ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ ହୋଇଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ସନ୍ଧ୍ୟାରେ ଆଭାସୀ ମାଧ୍ୟମରେ ରାଜ୍ୟର ନୂତନ ସାଇବର ଥାନାଗୁଡ଼ିକ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଅବସରରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ସାଇବର ଥାନା ଖୋଲିବା ଦ୍ୱାରା ଜିଲାରେ ସାଇବର ଅପରାଧ କମିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏବେ ସାଇବର ଲୁଟ୍ ବଢ଼ି ଚାଲିଥିବା ବେଳେ ବହୁ ଲୋକ ସାଇବର ଠକେଇର ଶିକାର ହେଉଛନ୍ତି। ସେମାନଙ୍କୁ ଏବେ ତ୍ୱରିତ ନ୍ୟାୟ ମିଳିପାରିବ ବୋଲି ଏମ୍‌ପି କହିଥିଲେ। ଏସ୍‌ପି ମନୋଜ କୁମାର ରାଉତ କହିଥିଲେ, ପୋଲିସକୁ ବିଭିନ୍ନ ଆପରାଧିକ ମାମଲା ସହ ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ମାମଲା ବୁଝିବାକୁ ସମସ୍ୟା ହେଉଥିଲା। ଏବେ ସାଇବର ଥାନା ଖୋଲିବା ପରେ ପୋଲିସର କାମ ସହଜ ହୋଇପାରିବ। ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଥିବା ଜଣେ ଡିଏସ୍‌ପି ଓ ୬ଜଣ ଇନ୍ସପେକ୍ଟରଙ୍କ ସମେତ ୧୮ଜଣ କର୍ମଚାରୀଙ୍କୁ ନେଇ ଏହି ଥାନା ଚାଲିବ ବୋଲି ଏସ୍‌ପି ସୂଚନା ଦେଇଥିଲେ। ଉଦ୍‌ଘାଟନୀ ଅବସରରେ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଅରୂପ ଅଭିଷେକ ବେହେରା ଉପସ୍ଥିତ ଥିଲେ।

# ସେମିରେ ଭଦ୍ରକ ୟୁନିକ୍ ୧୧

## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଭଣ୍ଡାରିପୋଖରୀ,୭।୩
(ରାଜେନ୍ଦ୍ର ଶତପଥୀ)



ପ୍ରକାଶ ଜେନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଭଣ୍ଡାରିପୋଖରୀ ବ୍ଲକ ବୟାବନାପୁର ପଞ୍ଚାୟତର ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ରାଜ୍ୟସ୍ତରୀୟ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଚନ୍ଦ୍ରଶେଖର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ସରପଞ୍ଚ ମିନତି ସାହୁ, ଅନ୍ୟତମ ଅତିଥି ସାମାଜିକ କର୍ମୀ ରଜନୀକାନ୍ତ ଚନ୍ଦ ଓ ଲଳିତ ରାଉତ ଉଦ୍‌ଘାଟନ କରିଥିଲେ। ଭଦ୍ରକ ୟୁନିକ୍ ୧୧ ଓ କେନ୍ଦୁଝର ଫେମସ କ୍ରିକେଟ କ୍ଲବ୍ ଏକାଦଶ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଟିମ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭଦ୍ରକ ୟୁନିକ ୧୧ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ୍ ଏମ୍ ଡି ସୋହେଲ ୬୨ ଓ ଅଜିତ କୁମାର ରାଉତ ୪୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଶ୍ରେୟାଂଶୁ ପଟ୍ଟନାୟକ ୩ ଉଇକେଟ ଓ ସନତ କୁମାର ପାଢୀ ୨ ଉଇକେଟ୍ ଅକ୍ତିଆର କରିଥିଲେ। ଫେମସ କ୍ଲବ ୧୬.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ ରନ୍ କରିପାରିଥିଲା। ଦଳ ପକ୍ଷରୁ ଶୁଭମ୍ କୁମାର ଜେନା ୮୧ ଓ ଶ୍ରେୟାଂଶୁ ୨୫ ରନ୍ କରିଥିଲେ। ୟୁନିକ ୧୧ର ପ୍ରକାଶ ଜେନା ୫ ଉଇକେଟ୍ ଅକ୍ତିଆର କରିଥିଲେ। ପ୍ରକାଶ ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ଦୁର୍ଗା ପଟ୍ଟନାୟକ ଓ ସଞ୍ଜୟ ଶତପଥୀ ମ୍ୟାଚ୍ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ପରିଡ଼ା ସ୍କୋରର, ମନୋରଞ୍ଜନ ନାୟକ ଓ ପ୍ରତ୍ୟୁଷ ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ରବିବାର ଭୁବନେଶ୍ୱର ତମାଣ୍ଡୋ କ୍ରିକେଟ କ୍ଲବ୍ ଓ ବାସୁଦେବପୁର ଉତ୍କଳିକା ଦଳ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ସଡ଼କ ଦୁର୍ଘଟଣାରେ ଲାବରେଟୋରି ଟେକ୍ନିସିଆନଙ୍କ ମୃତ୍ୟୁ

ବାସୁଦେବପୁର,୭।୩
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଲାବରେଟୋରି ଟେକ୍ନିସିଆନ ସତ୍ୟଜିତ ବାରିକ୍ (୩୧)ଙ୍କର ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସତ୍ୟଜିତ ଏକ ଟ୍ରେନିଂରେ ଯୋଗଦେବା ପାଇଁ ବାଇକ୍‌ରେ କଟକ ଯାଉଥିବା ବେଳେ ଜାତୀୟ ରାଜପଥର କୁଆଖିଆ ପୋଲ ନିକଟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସନ୍ଧ୍ୟାରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ବାସୁଦେବପୁର ଡାକ୍ତରଖାନା ଅଣାଯାଇଥିଲା। ଡାକ୍ତରଖାନା କର୍ମଚାରୀମାନେ ଶେଷଦର୍ଶନ କରିବା ପରେ ମରଶରୀରକୁ ସହର ପରିକ୍ରମା କରାଯାଇ ତାଙ୍କ ପୈତୃକ ଗ୍ରାମ ପୌରପାଳିକାର ଗୁଆଗାଁକୁ ନିଆଯାଇଥିଲା।

# ଧାନ ଦେଇ ପ୍ରାପ୍ୟ ପାଇପାରୁ ନାହାନ୍ତି ଚାଷୀ

■କ୍ରୟ ବନ୍ଦର ୧୫ ଦିନ ପରେ ବି ମିଳିନି ଟାର୍ଗେଟ

■ହାତଗୋଡ଼ ବାନ୍ଧି ବସିଛନ୍ତି ସମିତି ସମ୍ପାଦକ

■ଧାନ ବିକିବା ଅପେକ୍ଷାରେ ୫୦ ପ୍ରତିଶତ ଚାଷୀ

ତିହିଡ଼ି,୭।୩(ସଞ୍ଜିତ ବଳ)

ଚଳିତବର୍ଷ ସରକାରୀ ଭାବେ ଖରିଫ୍ ଧାନ କିଣାରେ ଅନିୟମିତତା ଦେଖାଦେଇଛି। ଫଳରେ ଚାଷୀମାନଙ୍କ ମନରୁ ସରାଗ ହଜିଯାଇଛି। ତିହିଡ଼ି ବ୍ଲକରେ ଅଧିକାଂଶ ମଣ୍ଡିରେ ଚାଷୀମାନେ ଧାନ ଦେବାର ୧୫ ଦିନ ବିତି ଯାଇଥିଲେ ମଧ୍ୟ ପ୍ରାପ୍ୟ ପାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ବ୍ଲକର ୫୦ ପ୍ରତିଶତ ଚାଷୀ ଏବେବି ଧାନ ବିକିବାକୁ ଅପେକ୍ଷା କରିଛନ୍ତି। ମାତ୍ର ଟାର୍ଗେଟ ନ ଥିବାରୁ ଏହା ସମ୍ଭବ ହୋଇପାରୁ ନାହିଁ। ସମସ୍ତ ମଣ୍ଡିର ସମ୍ପାଦକ ଟାର୍ଗେଟ ମିଳିବାକୁ ଅପେକ୍ଷା କରି ହାତଗୋଡ଼ ବାନ୍ଧି ବସିଛନ୍ତି।

ଗତ ଜାନୁଆରୀ ୫ରୁ ବ୍ଲକର ବିଭିନ୍ନ ସମିତିରେ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିଥିଲା। ମାତ୍ର ମିଲରମାନଙ୍କ ଅସହଯୋଗରୁ ଧାନ ସଂଗ୍ରହରେ ୧୫ ଦିନ ବିଳମ୍ବ ହୋଇଥିଲା। ପରେ ବିଭିନ୍ନ ପଞ୍ଚାୟତର ୧୫ଟି ସମିତି ଓ ୬ଟି ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା। ଟୋକାନର ଧାର୍ଯ୍ୟ ତାରିଖ ଅନୁଯାୟୀ ଚାଷୀମାନେ ଆଖି ସ୍କାନ କରି ମଣ୍ଡିରେ ଧାନ ଦେଇଥିଲେ। ତଦନୁଯାୟୀ ଅଦ୍ୟାବଧି ୫୦ ପ୍ରତିଶତ ଚାଷୀ ମଣ୍ଡିରେ ଧାନ ଦେଇ ସାରିଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ ଅନେକ ଚାଷୀଙ୍କୁ ଧାନର ମୂଲ୍ୟ ମିଳିପାରି ନାହିଁ। ସେମାନେ ବାରମ୍ବାର ସମିତିକୁ ପ୍ରାପ୍ୟ ସମ୍ପର୍କରେ ବୁଝିବାକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ଅପରପକ୍ଷେ ଟାର୍ଗେଟ ନ ଥିବାରୁ କେତେକ ମଣ୍ଡିରେ ୧୫ ଦିନ ହେଲା ଏବଂ ଅନ୍ୟ କେତେକ ମଣ୍ଡିରେ ସପ୍ତାହେ ହେଲା ଧାନ କିଣା ବନ୍ଦ ରହିଛି। ଚାଷୀଙ୍କୁ ମିଳିଥିବା ଟୋକନରେ ଥିବା ତାରିଖ ଅବଧି ମଧ୍ୟ ସରିଗଲାଣି। ଟୋକାନ ଅବଧି ବୃଦ୍ଧି ହେବ କି ନାହିଁ, ମଣ୍ଡିକୁ ଆଉ ଟାର୍ଗେଟ ମିଳିବ କି ନାହିଁ, ସେନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଏହାବ୍ୟତୀତ ମିଲରମାନେ ନିୟମିତ ଧାନ ଉଠାଉ ନ ଥିବାରୁ ମଣ୍ଡି ସାମ୍ନାରେ ମଧ୍ୟ ଧାନ ଗଦା ହୋଇ ରହିଛି। ତେବେ ଚାଷୀମାନଙ୍କ ପାଖରେ ଅର୍ଥ ନ ଥିବାରୁ ଚଳିତବର୍ଷ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଦୋଳ ମେଳଣ ଫିକା ପଡ଼ିଥିବା ଆଲୋଚନା ହେଉଛି। ମେଳଣରେ ବିଶେଷ ଗହଳି ହୋଇ ନ ଥିବା ପରିଲକ୍ଷିତ ହୋଇଥିଲା। ଏପରିସ୍ଥଳେ ତୁରନ୍ତ ସମସ୍ୟାର ସମାଧାନ କରାଯିବାକୁ ଦାବି ହୋଇଛି। ଆସନ୍ତା ସପ୍ତାହକ ମଧ୍ୟରେ ପୂର୍ବପରି ନିୟମିତ ଧାନ ସଂଗ୍ରହ କରା ନ ଗଲେ ଚାଷୀମାନେ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ କହିଛନ୍ତି, ଉଚ୍ଚ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଧାନ କିଣା ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଟାର୍ଗେଟ ପ୍ରଦାନ ସହ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିବା ଦିଗରେ ପଦକ୍ଷେପ ନିଆଯିବ।

## ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗରେ ସ୍ୱାମୀ ଗିରଫ

**ବୈଶିଙ୍ଗା,୭।୩ (ରତନ ଦାଶ)**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ନଡପୁର ଗ୍ରାମରେ ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗରେ ପୋଲିସ ସ୍ୱାମୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗ୍ରାମର ଦେବେନ୍ଦ୍ର ମହାନ୍ତଙ୍କ ପୁଅ ପୁରୁଷୋତ୍ତମ। ଶୁକ୍ରବାର ସାମାନ୍ୟ କଥାକୁ ନେଇ ସ୍ତ୍ରୀ ସୁନେଲୀଙ୍କ ସହ ଝଗଡ଼ା ହୋଇଥିଲା। ଉତ୍କ୍ଷିପ୍ତ ହୋଇ ପୁରୁଷୋତ୍ତମ ଲାଠିରେ ସୁନେଲୀଙ୍କୁ ମାଡ଼ ମାରିଥିଲେ। ମୁଣ୍ଡ ଫାଟି ରକ୍ତସ୍ରାବ ହୋଇ ଚେତାଶୂନ୍ୟ ହୋଇଯାଇଥିଲେ। ଶ୍ୱଶୁର ଦେବେନ୍ଦ୍ର ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଦେବେନ୍ଦ୍ରଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୧୫/୨୬) ରୁଜୁ ପୁରୁଷୋତ୍ତମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ରାସ୍ତାରେ ବୁଲିଲେ ହାତୀ, ଗାଡ଼ି ଚଳାଚଳ ଠପ୍

**ବୈଶିଙ୍ଗା,୭।୩ (ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଡ଼ସାହି ମୁଖ୍ୟ ରାସ୍ତାରେ ଶନିବାର ଦ୍ୱିପ୍ରହରରେ ୨ଟି ଦନ୍ତାହାତୀ ବୁଲୁଥିଲେ। ରାସ୍ତାରେ ହାତୀ ଦେଖି ଲୋକମାନେ ଭୟଭୀତ ହୋଇପଡ଼ିଥିବା ବେଳେ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ଠପ୍ ହୋଇଥିଲା। ବନ ବିଭାଗ ପକ୍ଷରୁ ହାତୀ ଉପରେ ନଜର ରଖାଯାଇଥିଲା। ଅପରାହ୍ନର ହାତୀ ଜଙ୍ଗଲକୁ ଚାଲିଯାଇଥିଲେ।

ପ୍ରକାଶ ଯେ, ଶନିବାର ନୀଳଗିରି ବନାଞ୍ଚଳରୁ ୨ ଦନ୍ତା ଫେରି ଆସୁଥିଲେ। ହାତୀ ୨ଟି ନୀଳଗିରିରୁ ଫେରି ବୁଢ଼ାବଳଙ୍ଗ ନଦୀ ପାରି ହେବା ପରେ



ରାସ୍ତାରେ ଯାଉଥିବା ୨ ଦନ୍ତା।

ବଡ଼ କ୍ଷୀରପଦା ନିକଟରେ ମୁଖ୍ୟରାସ୍ତା ଉପରେ ଚାଲି ଚାଲି ଜଙ୍ଗଲ ମଧ୍ୟକୁ ପ୍ରବେଶ କରିଥିଲେ। ଫଳରେ ଘଣ୍ଟାଧିକ କାଳ ରାସ୍ତା ପାର୍ଶ୍ୱରେ କାର, ବାଇକ ଓ ଯାତ୍ରୀବାହୀ ବସ୍ ଅଟକି ରହିଥିଲା। ଖବର ପାଇ ବେତନଟୀ ଡେପୁଟି ରେଞ୍ଜର ଧୃବେନ୍ଦ୍ର ନାଥ ନାଏକ, ବୈଶିଙ୍ଗା ବନରକ୍ଷୀ ଉତ୍ତମ ଦାସ ଓ ତାଙ୍କ ଟିମ୍ ସହିତ ହାତୀଙ୍କ ଚଲାପଥ ଉପରେ ନଜର ରଖିଥିଲେ। ୨ ଘଣ୍ଟା ପରେ ହାତୀ ଦୁଇଟି ଜଙ୍ଗଲ ଭିତରକୁ ପ୍ରବେଶ କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଗତ କିଛି ମାସ ହେଲାଣି ୨ ଦନ୍ତା ଅଞ୍ଚଳରେ ଉତ୍ପାତ କରିବା ସହ ଘର ଭାଙ୍ଗିବା ସହ ଧାନ, ପନିପରିବା ଫସଲ ଖାଇ ଯାଉଛନ୍ତି। ଜୀବନ ହାନୀର ମଧ୍ୟ ନଜିର ରହିଛି। ଫଳରେ ସାଧାରଣ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି।

## ଆଇଆଇସି ସ୍ତରରେ ଅଦଳବଦଳ

**ବାରିପଦା, ୭।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ପୋଲିସ ଆଇଆଇସି ସ୍ତରରେ ଅଦଳବଦଳ କରାଯାଇଛି। ଜିଲା ପୋଲିସ ବୋର୍ଡ ଚିଠି ନଂ. ୪୩୯/ ୭ ମାର୍ଚ୍ଚ ୨୦୨୬ ଅନୁଯାୟୀ ୭ଟି ଥାନାର ଆଇଆଇସିମାନଙ୍କ ବଦଳି କରାଯାଇଛି। ଜିଲା ପୋଲିସ ମୁଖ୍ୟାଳୟରେ ଥିବା ଆଇଆଇସି ରଶ୍ମି ରଞ୍ଜନ ପୃଷ୍ଟିକୁ ଭାପୁର ଥାନା, ଖଣ୍ଟା ଆଇଆଇସି ପଞ୍ଚାନନ ମହାନ୍ତିଙ୍କୁ ବାଙ୍ଗରିପୋଷି ଥାନା, ବାରିପଦା ସଦର ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନାଙ୍କୁ ଖୁଣ୍ଟା ଥାନା, ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତଙ୍କୁ ବାରିପଦା ସଦର ଥାନା, ଜିଲା ପୋଲିସ ମୁଖ୍ୟାଳୟରେ ଥିବା ଆଇଆଇସି କ୍ରିଷ୍ଣା ପିଙ୍ଗୁଆଙ୍କୁ ବେତନଟୀ ଥାନା ଓ ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ କରଞ୍ଜିଆ ଥାନା ଏବଂ କରଞ୍ଜିଆ ଥାନା ଆଇଆଇସି ଶରତ ଚନ୍ଦ୍ର ମହାଳିକଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ବଦଳି ହୋଇଥିବା ସମସ୍ତ ଅଧିକାରୀ ଯଥାଶୀଘ୍ର କାର୍ଯ୍ୟରେ ଯୋଗଦେଇ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି।

## ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ

**ବାରିପଦା, ୭।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ପି.ଏମ.ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକରୁ ୩୨ଟି ପିଏମ୍‌ଶ୍ରୀ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଏହି ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ସୋରେନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନ ରହି ଛାତ୍ରୀଛାତ୍ରମାନେ ନିଜର ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଆବଶ୍ୟକ, ଦକ୍ଷତା ପ୍ରତିପାଦନ କଲେ ହିଁ ସେମାନେ ଜୀବନରେ ଅନେକ ଆଗକୁ ଯାଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ବ୍ଲକସ୍ତରୀୟ ପ୍ରତିଯୋଗିତା ଶେଷ ହେବା ପରେ ଏବେ ଜିଲା ସ୍ତରରେ ପିଲାମାନେ ନିଜର ନବସୃଜନ ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ଏଠାରେ କୃତିତ୍ୱ ହାସଲ କରୁଥିବା ଛାତ୍ରୀଛାତ୍ରମାନେ ପରବର୍ତ୍ତୀ ସମୟରେ ରାଜ୍ୟ ସ୍ତରୀୟ ଉତ୍ସବ ପାଇଁ ମନୋନୀତ ହେବେ। ଏହି ଦୁଇଦିନିଆ ଉତ୍ସବରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ, କଳା ଓ ସୃଜନଶୀଳ କୃତି ପ୍ରଦର୍ଶିତ ହୋଇଛି। ପିଲାମାନଙ୍କ ମଧ୍ୟରେ ଥିବା ନବସୃଜନ ଶକ୍ତିକୁ ଉତ୍ସାହିତ କରିବା ପାଇଁ ଏହା ଏକ ପ୍ରଶସ୍ତ ମାଧ୍ୟମ ସାଜିଛି। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ଆତ୍ମରକ୍ଷା ତାଲିମ ନେଲେ ଛାତ୍ରୀ

**ଗୋପବନ୍ଧୁ ନଗର, ୭।୩ (ଶାନ୍ତନୁ କୁମାର ମଡୁଆଲ)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ କଲେଜରେ ଚାଲିଥିବା ୧୦ ଦିନିଆ ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ଅନ୍ୟତମ ଅତିଥି ଭାବେ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପିକା ମାମୁନୀ ବେରା, ଟ୍ରେନର ମିନତି ପଲତା ପ୍ରମୁଖ ଯୋଗ ଦେଇଥିଲେ। ଆତ୍ମରକ୍ଷାର କୌଶଳ ଓ ଆବଶ୍ୟକତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ତାଲିମ ନେଇଥିବା ୬୭ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଅଧ୍ୟାପିକା ସସ୍ମିତା ଚୌଧୁରୀ, ଜ୍ୟୋତିରୂପା ମହାପାତ୍ର, ସୁକାନ୍ତି ବିଶ୍ୱାଳ, ପାର୍ବତୀମଣୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାସିକ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବାରିପଦା, ୭।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ସହଯୋଗରେ ମହିଳାମାନଙ୍କର ମାସିକ ଋତୁସ୍ରାବ ଓ ତଦ୍‌ଜନିତ ବହୁବିଧ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଅରୁଣ କୁମାର ସିଂହ ଅତିଥି ଭାବରେ ଯୋଗଦେଇ ଛାତ୍ରୀମାନଙ୍କୁ ଏ ସମ୍ପର୍କରେ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ନାରୀଟିଏ ଋତୁମତୀ ହେବା ହେଉଛି ଏକ ପ୍ରାକୃତିକ ପ୍ରକ୍ରିୟା। ଯାହା ସୃଷ୍ଟି ପ୍ରକ୍ରିୟାକୁ ଗତିଶୀଳ କରିବାରେ ସହାୟକ ହୋଇଥାଏ। କିନ୍ତୁ ସାମାଜିକ ରକ୍ଷଣଶୀଳ ପରମ୍ପରା ମଧ୍ୟରେ ନାରୀର ଏହି କ୍ରିୟାକୁ ଅତି ସମ୍ବେଦନଶୀଳ ଘଟଣା ଭାବେ ବିବେଚିତ କରାଯାଇଥିଲା। ଫଳସ୍ୱରୂପ ମହିଳାମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବହୁ ମାରାତ୍ମକ ରୋଗରେ ପୀଡିତ ହୋଇ ଜୀବନକୁ ସଂକଟାପନ୍ନ କରିଦେଉଛନ୍ତି ବୋଲି ଦୁଃଖ ପ୍ରକାଶ କରିବା ସହିତ ସଚେତନତା ହିଁ ଏକମାତ୍ର ବାଟ ବୋଲି ମଧ୍ୟ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସାଗରିକା ସିଂହ ସଭାପତିତ୍ୱ କରିବା ଅବସରରେ ଋତୁମତୀ ହେବା ନାରୀ ଜୀବନର ଏକ ଆଶୀର୍ବାଦ, ଯାହା ନାରୀକୁ ମାତୃତ୍ୱର ସୁଖ ପ୍ରଦାନ କରିବାରେ ସହାୟକ ହୋଇଥାଏ। ଅଥଚ କୁସଂସ୍କାରର ବଶବର୍ତ୍ତୀ ହେବା ଫଳରେ ନାରୀଟିଏ ନିଜ ଜୀବନକୁ ନର୍କରେ ପରିଣତ କରିଦେଉଛି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଯୁବ ରେଡକ୍ରସର ମୁଖ୍ୟ ପରାମର୍ଶଦାତା(କାଉନସିଲର) ତପସ୍ୱିନୀ ନାଏକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରେଡକ୍ରସର ସହଯୋଗୀ ପରାମର୍ଶଦାତା (କାଉନସିଲର) ରଜନୀକାନ୍ତ ଶଙ୍ଖୁଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସହଯୋଗୀ କାର୍ଯ୍ୟକ୍ରମ ଅଧିକାରୀ ମନୀଷା ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

## ସାତ୍ତ୍ୱିକଙ୍କ ପାଇଁ ହାଟଡ଼ିହୀରେ ଖୁସିର ଲହରି

**ବଉଳା,୭।୩(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ଗ୍ରାମର ସାତ୍ତ୍ୱିକ ଦେବତା ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷା (ୟୁପିଏସ୍‌ସି) ୨୦୨୫ରେ ୧୦୦ତମ ର‍୍ୟାଙ୍କ୍‌ରେ ରହିଛନ୍ତି। ସେ ଓଡ଼ିଶା ଓ କେନ୍ଦୁଝର ଜିଲାର ଗୌରବ ଆଣିଥିବାରୁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ନିଜ ଜିଲାର କୃତୀ ଛାତ୍ରଙ୍କ ସଫଳତାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଶନିବାର ସମ୍ବର୍ଦ୍ଧିତ କରିଛନ୍ତି। ସେ ଏବେ ଭୁବନେଶ୍ୱରରେ ବାପା ଅବସରପ୍ରାପ୍ତ ଆଇଏଏସ ଗୋସ୍ୱାମୀ ଗୋଲାମ ଦେବତା ଓ ମାତା ସବିତା ମହାପାତ୍ରଙ୍କ ସହ ରହୁଛନ୍ତି। ସେ ଓୟୁଏଟିରୁ ମେକାନିକାଲ ଇଞ୍ଜିନିୟରିଂ ଶିକ୍ଷା ଗ୍ରହଣ କରି ନାବାର୍ଡରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସଫଳତା ପାଇଁ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ଅଭିମନ୍ୟୁ ସେଠୀ, ଭାଜପାର ବରିଷ୍ଠ ନେତା ଆଲୋକ ସେଠୀ, ଶିକ୍ଷାବିତ୍ ମଧୁସୂଦନ ଜେନା, ହାଟଡ଼ିହୀ ବିଡିଓ ରଞ୍ଜନ ପରିଡ଼ା, ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟର ଚିତ୍ତରଞ୍ଜନ ରାଉତ, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଆଇନଜୀବୀ ତୁଳସୀ ଗୋସ୍ୱାମୀ ଦେବତା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ବି ପ୍ଲଟ୍-କାଳିମାଟି ରାସ୍ତା ଶୋଚନୀୟ



ରାସ୍ତାରେ ଧୂଳି ଉଡ଼ି ପ୍ରଦୂଷଣ ବଢୁଛି।

**କେନ୍ଦୁଝର,୭।୩(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଖଣିଖାଦାନଭରା ବଳଦା ପଞ୍ଚାୟତ ବି ପ୍ଲଟ୍ ଗ୍ରାମ ବିଭିନ୍ନ ସମସ୍ୟାଘେରରେ ରହିଛି। ବିଶେଷକରି ବି ପ୍ଲଟ୍‌ଠାରୁ କାଳିମାଟି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଧୂଳି, ଧୂଆଁରେ ଖଣି ପ୍ରଭାବିତ ଲୋକେ ହନ୍ତସନ୍ତ ହେଉଛନ୍ତି। ସମସ୍ୟାକୁ ନେଇ ଖଣି କମ୍ପାନୀ, ସ୍ଥାନୀୟ ପ୍ରଶାସନ, ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପରେ ମଧ୍ୟ ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶେଷରେ ନିରାଶ ହୋଇ ଗ୍ରାମର ଯୁବକ ପଙ୍କଜ ବାରିକଙ୍କ ସମେତ ଅନ୍ୟମାନେ କେନ୍ଦୁଝରରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରି ରାସ୍ତା ମରାମତି ନିମନ୍ତେ ନିବେଦନ କରିଛନ୍ତି।

ଅଭିଯୋଗ ମୁତାବକ, ଅଞ୍ଚଳରେ ବହୁ ବଡ଼ କମ୍ପାନୀ ଖଣି ରହିଛି। ରାସ୍ତାରେ ଉକ୍ତ ଖଣିଗୁଡ଼ିକରୁ ପ୍ରତ୍ୟେକ ଦିନ ଅନେକ ହଜାର ସଂଖ୍ୟାରେ ଗାଡ଼ି ଚଳାଚଳ କରୁଛି। ରାସ୍ତାର ଦୁରବସ୍ଥା ଯୋଗୁ ଧୂଳି, ଧୂଆଁରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଅନେକ ସମୟରେ ଦୁର୍ଘଟଣାରେ ଧନଜୀବନ ହାନି ହେଉଛି। ଧୂଳି, ଧୂଆଁରେ ଅନେକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ନେଇ ବି ପ୍ଲଟ୍ ଗ୍ରାମବାସୀ କମ୍ପାନୀଗୁଡ଼ିକୁ ବାରମ୍ବାର ଦାବିପତ୍ର ପ୍ରଦାନ କରିଛନ୍ତି। ମାତ୍ର ରାସ୍ତା ମରାମତି କିମ୍ବା ପାଣି ସିଞ୍ଚନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରାମବାସୀ ସ୍ଥାନୀୟ ବିଧାୟକ, ଜିଲା ପ୍ରଶାସନକୁ ମଧ୍ୟ ରାସ୍ତା ମରାମତି ନିମନ୍ତେ ଅନୁରୋଧ କରିଛନ୍ତି। ନଚେତ ପୁଞ୍ଜିଭୂତ ଅସନ୍ତୋଷ ଉଗ୍ରରୂପ ନେବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

## 'ଏଇ ମାଟି ଆମ ମାଆ' ଅନୁଷ୍ଠାନର ବାର୍ଷିକ ଉତ୍ସବ

**ଗୋପବନ୍ଧୁ ନଗର,୭।୩(ଶାନ୍ତନୁ କୁମାର ମଡୁଆଲ)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ସାଇଁକୁଲା ପ୍ରସିଦ୍ଧ ଦୋଳମେଳଣ ଅବସରରେ 'ଏଇ ମାଟି ଆମ ମାଆ' ଅନୁଷ୍ଠାନର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଚାରୁଚନ୍ଦ୍ର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଶିକ୍ଷାବିତ୍ ସନାତନ ଜେନା, ଅବସରପ୍ରାପ୍ତ ଅଧ୍ୟାପକ କରୁଣାକର ମହାପାତ୍ର, ଦୋଳ କମିଟିର ସମ୍ପାଦକ ଚନ୍ଦ୍ର ଶେଖର ଦାସ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଗୌରଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସତ୍ୟର ଭୂମି ଉପରେ ପ୍ରତିଷ୍ଠିତ ସଫଳତା ହିଁ ପ୍ରକୃତ ଆନନ୍ଦ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତୀତରେ ଗାଁର ଗୌରବ ବଢ଼ାଇଥିବା ଇଂ. ରାଧାକୃଷ୍ଣ ରାଉତ, ସୁନାମଧନ୍ୟ ଶିକ୍ଷକ କ୍ଷେତ୍ରମୋହନ ମିଶ୍ର, କର୍ମକାଣ୍ଡ ବିଶାରଦ ସୃଷ୍ଟିଧର ଆଚାର୍ଯ୍ୟଙ୍କୁ କୁଳ ଶ୍ରେଷ୍ଠ ସମ୍ମାନ, ଗ୍ରାମର ପ୍ରଥମ ମାଟ୍ରିକ ପାସ୍ କରିଥିବା ସ୍ୱର୍ଗତ ଦୈତାରୀ ବିନ୍ଧାଣୀ, ବିଭିନ୍ନ ଧାର୍ମିକ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଶ୍ରୀବତ୍ସ ମିଶ୍ରଙ୍କୁ ମରଣୋତ୍ତର କୁଳମଣୀ ସମ୍ମାନ ପ୍ରଦାନ କରାଯାଇଛି। ସଞ୍ଜିବ ଜେନା ଓ ଦୈତାରୀ ବିନ୍ଧାଣୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଭାବଗ୍ରାହୀ ଦାସ, ଅଭୟାନନ୍ଦ ଜେନା, ସମ୍ପାଦକ କମଳାକାନ୍ତ ରଣା, ତୃପ୍ତି ଜେନା ପ୍ରମୁଖ ପରିଚାଳନା କରିଥିଲେ। ସର୍ବେଶ୍ୱର ଲେଙ୍କା ପରିଚାଳନା କରିଥିଲେ।

## 'ସକାରାତ୍ମକ ମନୋଭାବ ସଫଳତା ଆଣିଦିଏ'

**କେନ୍ଦୁଝର, ୭।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଶନିବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ରଞ୍ଜନ ସାହୁ ଯୋଗଦେଇ 'ନାରୀ ସଶକ୍ତିକରଣ : ସୁସ୍ଥ ସମାଜ, ସମ୍ପୂର୍ଣ୍ଣା ଆଜିର ନାରୀ' ଆଲୋଚନାକୁ ନେଇ କହିଥିଲେ, ସବୁଦିନ ନାରୀର ଦିନ ହେଉ। ସୁସ୍ଥ ଶରୀର ଓ ସକାରାତ୍ମକ ମନୋଭାବ ଦ୍ୱାରା ଆମର ଦୃଷ୍ଟିକୋଣ ଓ ପରିସ୍ଥିତି ପ୍ରତିଟି କାର୍ଯ୍ୟରେ ସଫଳତା ଆଣିଦେବ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ଆଇନ୍‌ସେବା ପ୍ରାଧିକରଣ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗଦେଇ ନାରୀର ଅଧିକାର ଓ ନାରୀ ନିଜର ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନେଇପାରିବ, ସେ ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥି ସ୍ୱିରିଜା ପ୍ରତିଷ୍ଠାତା ପ୍ରଗତିକା ମହାନ୍ତି, ଷ୍ଟାର ଏକାଡେମୀ ପ୍ରତିଷ୍ଠାତା ସୁନିତା ମହାନ୍ତି, ଶିଶୁ ମଙ୍ଗଳ ସମିତି ଓ ବରିଷ୍ଠ ଆଇନ୍‌ଜୀବୀ ସୋନାଲି ସିଂ, ଅନ୍ୟତମ ସମ୍ମାନିତ ଅତିଥି ଅମ୍ରିତା ପଟ୍ଟନାୟକ ଯୋଗଦେଇ ଅର୍ଥନୀତିର ସ୍ୱାଧୀନତା ଦ୍ୱାରା ମହିଳାଟିଏ ଅର୍ଥକୁ ନିୟନ୍ତ୍ରଣ କରି ପରିବାରକୁ ଆଗକୁ ବଢ଼ାଏ ବୋଲି କହିଥିଲେ। ଏହି ଅବସରରେ ଲ୍ୟବିବାହ ଉପରେ ଆଧାରିତ କ୍ଷୁଦ୍ରଗଳ୍ପ 'ମହ୍ଲାର' ନାମକ ସିନେମା ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା। ।ତ୍ରୀ ସୁମନା ମହାନ୍ତି ଓ ଶୃତି ସଙ୍ଗୀତା ଶୁକ୍ଳା ମଞ୍ଚ ପରିଚାଳନା କରିଥିଲେ। ମଧ୍ୟ ଆଭ୍ୟନ୍ତରୀଣ କମିଟି ମୁଖ୍ୟ ଗୀତାଞ୍ଜଳି ନାୟକ ଓ ଆଲ୍ଲା ସରିତା ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ କାହାଣୀ ପ୍ରତିଯୋଗିତାର ସୁନ୍ଦର ଓ ସୃଜନଶୀଳ ଲେଖା ପାଇଁ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଆଭ୍ୟନ୍ତରୀଣ କମିଟି ମୁଖ୍ୟ ଗୀତାଞ୍ଜଳି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଗୋଷ୍ଠୀ ସେବା କାର୍ଯ୍ୟକ୍ରମ

**ବାରିପଦା, ୭।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ଦ୍ୱାରା ଚତୁର୍ଥବର୍ଷ ସମନ୍ୱିତ ବିଏଡ୍ ଛାତ୍ରୀଛାତ୍ରଙ୍କ ପାଇଁ ଆୟୋଜିତ ହୋଇଥିବା ଗୋଷ୍ଠୀ ସେବା କାର୍ଯ୍ୟକ୍ରମ ଶନିବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ସହକାରୀ ପ୍ରଫେସର ଭାଦବ ହେମ୍ବ୍ରମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ, ଡକ୍ଟର ନିରୁପମା ନାୟକ, ସଂଗୀତା ପାତ୍ର, ସବିତାଶୋଭା ପ୍ରଧାନ, କୃଷ୍ଣା ସିଂ ଓ ନମିତା ସୋରେନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମାଜ ସେବାରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଲକ୍ଷ୍ମୀପଶି ପଞ୍ଚାୟତର ବିଭିନ୍ନ ଗ୍ରାମରେ ସଙ୍ଗୀତ ନୃତ୍ୟ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଅନ୍ଧ ବିଶ୍ୱାସ ଦୂରୀକରଣ ଓ ସୁସ୍ଥ ଜୀବନଶୈଳୀ ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ଦିନରେ ବୃକ୍ଷରୋପଣ ସହ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିନ ଛାତ୍ରୀଛାତ୍ରମାନେ ପ୍ରଶିକ୍ଷଣ ଅନୁଯାୟୀ ବିଭିନ୍ନ ଗ୍ରାମକୁ ଯାଇ ସାମାଜିକ ଆର୍ଥିକ ତଥ୍ୟ ସଂଗ୍ରହ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରଛାତ୍ରୀ।

## ଗ୍ରୀଷ୍ମ ମୁକାବିଲା ନେଇ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ



ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।

**ବାରିପଦା,୭।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଗ୍ରୀଷ୍ମ ପ୍ରଭାବର ଭୟାବହତା ଓ ତାର ମୁକାବିଲା ନେଇ ମୟୂରଭଞ୍ଜ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ହେମକାନ୍ତ ସୟ ଅଧ୍ୟକ୍ଷତା କରିଥିଲେ। ଗ୍ରୀଷ୍ମ ପ୍ରବାହ କିଭଳି ଉପଯୁକ୍ତ ଭାବେ ମୁକବିଲା କରାଯାଇପାରିବ ତା' ଉପରେ ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ସେ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଚୁର ପରିମାଣରେ ଔଷଧ, ଓଆରଏସ୍ ସହିତ ସମସ୍ତ ସୁବିଧା ଥାଇ ସ୍ୱତନ୍ତ୍ର ଅଂଶୁଘାତ ପ୍ରକୋଷ୍ଠ, ଜିଲା ମୁଖ୍ୟାଳୟ ସହିତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଦିରେ ଆଶୁ ଚିକିତ୍ସାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତ୍ୟେକ ବ୍ଲକ, ପୌର ପରିଷଦ,ଏନଏସିଗୁଡିକରେ ଜଳଛତ୍ର ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦେବାକୁ ସମସ୍ତ ବିଡିଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ହାଟଗୁଡିକ ୧୧ଟାରୁ ୩ଟା ମଧ୍ୟରେ ବନ୍ଦ କରାଯିବାକୁ କହିଥିଲେ। ବିଶେଷତଃ ଯାନବାହନ ଚଳାଚଳ ଉପରେ ରୋକ ଲଗାଇବା, ଯାତ୍ରୀମାନଙ୍କ ସୁବିଧା ପାଇଁ ବସ୍‌ଗୁଡିକରେ ପ୍ରଚୁର ପରିମାଣରେ ପାଣି, ଓଆରଏସ୍ ଓ ପ୍ରାଥମିକ ବକ୍ସ ରଖାଯିବାର ଯେମିତି ବ୍ୟବସ୍ଥା କରାଯାଏ ତାହା ଦୃଷ୍ଟି ଦେବାକୁ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଂଶୁଘାତ ସମୟରେ କାହାର ମୃତ୍ୟୁ ଘଟିଲେ ତାର ତୁରନ୍ତ ରିପୋର୍ଟ ଦେବାକୁ ତହସିଲଦାର ଓ ବିଡିଓମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ପ୍ରତ୍ୟେକ ବ୍ଲକ, ତହସିଲ, ପୌରପରିଷଦ, ଜିଲା ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଭଳି ବିଭାଗଗୁଡିରେ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ କୂଅ ଓ ନଳକୂଅ ଗୁଡିକର ମରାମତି ସହିତ ଜଳର ଅଭାବ ଥିବା ଅଞ୍ଚଳଗୁଡିକରେ ଟ୍ୟାଙ୍କର ଯୋଗେ ପାଣିର ବ୍ୟବସ୍ଥା କରିବାକୁ ଆରଡବ୍ଲ୍ୟୁଏସଏସ ଓ ୱାଟକୋକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପୌର ପରିଷଦଗୁଡିକରେ ବୁଲା ଜୀବଜନ୍ତୁଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପିକ ଆୱାର ସମୟରେ ସରକାରୀ କୋଠାଗୁଡିକୁ ନିରାଶ୍ରୟ ଲୋକଙ୍କ ଆଶ୍ରୟସ୍ଥଳ ଭାବରେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ହଷ୍ଟେଲ, ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ସକାଳୁଆ କରାଯିବା ସହିତ ଶିକ୍ଷାକେନ୍ଦ୍ରଗୁଡିକରେ ପିଇବା ପାଣି, ଓଆରଏସ ଏବଂ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲା ଜରୁରୀକାଳୀନ ବିଭାଗର ଡେପୁଟୀ କଲେକ୍ଟର ଶ୍ରଦ୍ଧାସୁମନ, ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର ତଥା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲା ଜରୁରୀକାଳୀନ ବିଭାଗର ଜଗବନ୍ଧୁ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

